ଧରିତ୍ରୀ
DHARITRI
March 21-27, 2021 ₹ 2/-

# ଛୁଟିଦିନ




ଗୋଟେ ଲମ୍ବା ଅପେକ୍ଷାର ଶେଷରେ ଆଞ୍ଜୁଳା ଆଞ୍ଜୁଳା ଖୁସି ନେଇ ଦିନେ ଆସୁଥିଲା ଖରାଛୁଟି । ଏବେବି ଆସୁଛି, କିନ୍ତୁ ବଦଳିଯାଇଛି ତା'ର ସ୍ୱରୂପ। ହଜେଇ ଦେଇଛି ତା'ର ସ୍ୱାଧୀନତା ଆଉ ବିନ୍ଦାସପଣ । ହିସାବୀ ହେଇଯାଇଛି । ପାଠପଢ଼ା, କୋଚିଂ ସେଣ୍ଟର୍ ଓ ସମର୍ କ୍ୟାମ୍ପ ଭିତରେ ଛନ୍ଦି ହୋଇଯାଇଛି ସେ...

୩
ପ୍ରଚ୍ଛଦ ପ୍ରସଙ୍ଗ

ସିନେମା
୮/୯

୧୩
ସହରଠୁ ଦୂର



# ଭୋଜନକୁ ନେଇ କିଛି ନିୟମ

ଭୋଜନ କରିବା ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଏହାଦ୍ୱାରା ଶରୀରକୁ ଶକ୍ତି ମିଳେ। କିନ୍ତୁ ବେଳେବେଳେ ଭୋଜନ କରିବା ସମୟରେ ଆମେ ଜାଣତରେ ହେଉ ଅବା ଅଜାଣତରେ ଏଭଳି କିଛି କାର୍ଯ୍ୟ କରିଥାଉ; ଯଦ୍ୱାରା ଅନ୍ନର ଅପମାନ ହୋଇଥାଏ। ଆସନ୍ତୁ ଜାଣିବା ଭୋଜନ ସହ ଜଡ଼ିତ ସେମିତି କିଛି ନିୟମ ସମ୍ପର୍କରେ...



➤ଭୋଜନ କରିବାକୁ ଗୋଟେ ଥର ବସିଲେ ପେଟପୂରା ଖାଦ୍ୟ ଖାଇସାରିକ ହିଁ ଉଠିବା ଦରକାର। ଖାଇବା ସମୟରେ ବାରମ୍ବାର ଉଠିକି ଯିବାଦ୍ୱାରା ଖାଦ୍ୟର ଅପମାନ ହୋଇଥାଏ।

➤ଛାଡ଼ିଥିବା ଖାଦ୍ୟକୁ ଦ୍ୱିତୀୟ ଥର ଖାଇବା ଠିକ୍ ନୁହେଁ କିମ୍ବା ଅଧିକ ଭୋଜନ କରିବା ମଧ୍ୟ ଶରୀର ପକ୍ଷେ ହିତକର ନୁହେଁ।

➤ଅଇଁଠା ଖାଦ୍ୟ କାହାରିକୁ ପରଷିବା କିମ୍ବା ଅନ୍ୟର ଅଇଁଠା ଖାଦ୍ୟକୁ ନିଜେ ଖାଇବା ବି ଉଚିତ ନୁହେଁ।

➤ସେହିପରି ଅଇଁଠା ମୁହଁରେ କୁଆଡ଼େ ଯିବା ଆଦୌ ଶୁଭଦାୟକ ନୁହେଁ। ଯଦି ଅତି ଜରୁରୀ ପଡୁଛି, ତା'ହେଲେ ଖାଉଥିବା ସମୟରେ କିଛି ପାଣି ପିଇକି ଆପଣ ଉଠିକି ଯାଇପାରିବେ।

➤ଭୋଜନ ସର୍ବଦା ଆନନ୍ଦ ମନରେ କରିବା ଦରକାର। ଯଦି ଏହାର ପ୍ରସ୍ତୁତିରେ କିଛି ତ୍ରୁଟି ରହିଯାଇଛି ତା'ହେଲେ ବି ତା'ର ଅପମାନ କରିବା ଠିକ୍ ନୁହେଁ।

➤ଭୋଜନ କରିବା ସମୟରେ ଖାଦ୍ୟକୁ ତଳେ ପକାଇବା କିମ୍ବା ଅଯଥାରେ ଖାଦ୍ୟ ନଷ୍ଟ କରିବା ମଧ୍ୟ ଆଦୌ ଶୁଭ ଲକ୍ଷଣ ନୁହେଁ।

➤ଯଦି ଏହି ସବୁ ନିୟମରେ ଖିଲାପ କରାଯାଏ, ତା'ହେଲେ ମା' ଲକ୍ଷ୍ମୀ ରୋଷ କରିଥାନ୍ତି ଆଉ ଘରେ ଅଶାନ୍ତି ସୃଷ୍ଟିହୋଇଥାଏ ବୋଲିବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨୧-୨୭

**ମେଷ**: ଦକ୍ଷତାରୁ ସମ୍ମାନ, ପତ୍ନୀଙ୍କ ସୁପରାମର୍ଶ, ପଡ଼ୋଶୀଙ୍କ ପ୍ରତାରଣା, ନୂତନବନ୍ଧୁତ୍ୱ, ବ୍ୟବସାୟରେ ଉନ୍ନତି, ଉଦ୍ଦେଶ୍ୟହୀନ ଯାତ୍ରା, ମାନସିକ ଅବସାଦ, ନିଷ୍ପତ୍ତିର ପରିବର୍ତ୍ତନ, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ବୃଦ୍ଧି, ଟେନ୍‌ସନ ବଢ଼ିବ।

**ବୃଷ**: କାର୍ଯ୍ୟସିଦ୍ଧି, ନୂତନ ବନ୍ଧୁତ୍ୱ, ବାଣିଜ୍ୟରେ ସଫଳତା, ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥ ଲାଭ, ବନ୍ଧୁଙ୍କ ପରାମର୍ଶ, ଭ୍ରାତୃ ବିବାଦ, ଆନୁଷ୍ଠାନିକ ପ୍ରଶଂସା, ବ୍ୟୟ ବୃଦ୍ଧି, ପ୍ରିୟଜନଙ୍କ ସାନ୍ନିଧ ଲାଭ।

**ମିଥୁନ**: ଦୂରଯାତ୍ରା, ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସ୍ୱାସ୍ଥ୍ୟରେ ଉନ୍ନତି, ଶୁଭ ଖବରପ୍ରାପ୍ତି, ବନ୍ଧୁଙ୍କ ପ୍ରତିଶ୍ରୁତି, ସମ୍ପର୍କ ଯୋଡ଼ିବେ, ଭ୍ରମଣଜନିତ କ୍ଳାନ୍ତି, କଳା, ସାହିତ୍ୟରେ ଉନ୍ନତି, ସଞ୍ଚୟ ବୃଦ୍ଧି।

**କର୍କଟ**: ପ୍ରତିବନ୍ଧକ ଦୂର ହେବ, ସମସ୍ୟା ରହିବନି, ଅସୁସ୍ଥତା ଲାଗି ରହିବ, କାମସ୍ଥଗିତ ରହିବ, ଅର୍ଥଲାଭ, ଅନିଦ୍ରାଜନିତ ପୀଡ଼ା, ଅସମ୍ପୂର୍ଣ୍ଣ କାର୍ଯ୍ୟ, ମଉଜ ମଜଲିସ, ଅପବ୍ୟୟ, ପ୍ରତିବେଶୀଙ୍କ ସହଯୋଗ।

**ସିଂହ**: ଆର୍ଥିକ ଉନ୍ନତି, ମିତ୍ରଲାଭ, ଅଶୌଚ ଖବର ପ୍ରାପ୍ତି, ଅନ୍ୟମନସ୍କ ରହିବେ, ଅଭିଯୋଗ ଆସିପାରେ, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, କରଜ କରିବେ, ସ୍ୱାସ୍ଥ୍ୟରେ ଉନ୍ନତି।

**କନ୍ୟା**: ଶାରୀରିକ ସୁସ୍ଥତା, ପ୍ରଶାସନିକ ତତ୍ପରତା, ଟେନସନ୍ ବଢ଼ିଯିବ, ବ୍ୟବସାୟରେ ପ୍ରତିବନ୍ଧକ, ମାନସିକ ଶାନ୍ତି ବ୍ୟାହତ, ପ୍ରାପ୍ୟ ହରାଇବେ, ଆମୋଦପ୍ରମୋଦର ମଉକା, ପରୀକ୍ଷାରେ ସଫଳତା, କଚେରି ମାମଲାରେ ବାଇଦା, ଆତ୍ମୀୟଙ୍କ ଉଦାରତା।

**ତୁଳା**: ଆନୁଷ୍ଠାନିକ କାର୍ଯ୍ୟ, ପାରିବାରିକ ଶାନ୍ତି, ଅନିଦ୍ରାଜନିତ କ୍ଲେଶ, ସମସ୍ୟା ସୁଧୁରିବ, ସ୍ୱାସ୍ଥ୍ୟରେ ଉନ୍ନତି, ଦ୍ରବ୍ୟଲାଭ, ବନ୍ଧୁବର୍ଗଙ୍କ ସହାନୁଭୂତି, ଅର୍ଥର ଆବଶ୍ୟକତା, ସୁଯୋଗ ପାଇବେ, ପ୍ରକାଶନରେ ସମସ୍ୟା।

**ବିଛା**: ଆଶା ପୂରଣ ହେବ, ସୁସମ୍ପର୍କ ଫେରିଆସିବ, କଳହର ସମାଧାନ, ନିର୍ମାଣ କାର୍ଯ୍ୟରେ ଦ୍ୱନ୍ଦ୍ୱ, ଅପ୍ରିୟ ସତ୍ୟରୁ ଅନର୍ଥ, ଧନହାନି, ଯାନ୍ତ୍ରିକ ତ୍ରୁଟି, ଯାତ୍ରାରେ ବିଳମ୍ବ, ଉନ୍ନତ ଚିନ୍ତା, ପଡ଼ୋଶୀଙ୍କ ପ୍ରତାରଣା।

**ଧନୁ**: ପାରିବାରିକ ଅଶାନ୍ତି, ମାନସିକ ଅସ୍ଥିରତା, ଅଶୌଚ ଖବର ପାଇବେ, ସମ୍ପର୍କ ବୃଦ୍ଧି, ପାରିଶ୍ରମିକ ବଢ଼ିବ, ରୋଗପୀଡ଼ା ଉପଶମ ହେବ, ପଡ଼ୋଶୀଙ୍କ ସାହାଯ୍ୟ, ନିର୍ମାଣରେ ଦ୍ୱନ୍ଦ୍ୱ, ଲେଖାପଢ଼ାରେ ଅନୁରାଗ, ଋଣ ପରିଶୋଧ।

**ମକର**: ଉନ୍ନତ ଚିନ୍ତା, ମତ ବଦଳେଇବେ, ଦୂରସ୍ଥାନକୁ ଯାତ୍ରା, ଅପବ୍ୟୟରୁ ମନସ୍ତାପ, ସ୍ୱାସ୍ଥ୍ୟରେ ସମସ୍ୟା, ଉଚ୍ଚସମ୍ମାନ ପାଇବେ, ଅର୍ଥସଙ୍କଟ ଟଳିଯିବ, ଗୃହ ବିବାଦ, କଳାକ୍ରୀଡ଼ାରୁ ସମ୍ମାନ, ସ୍ତ୍ରୀଙ୍କ ପ୍ରେରଣା।

**କୁମ୍ଭ**: ନୈତିକତାର ପ୍ରଶଂସା, ଆର୍ଥିକ ଦୁରବସ୍ଥା, ଅବହେଳିତ କାମ, ଭ୍ରାତୃପ୍ରୀତି, ଭ୍ରମଣ ସୁଯୋଗ, ଅଭିଳଷିତ ଫଳପ୍ରାପ୍ତି, ନୂତନ ଯାନବାହନ ଲାଭ, ସନ୍ତାନଙ୍କ ବିଶୃଙ୍ଖଳା, ମାଲିମକଦ୍ଦମାରେ ସଫଳତା, ବ୍ୟବସାୟରେ କ୍ଷତି।

**ମୀନ**: ଶାରୀରିକ ସୁସ୍ଥତା, ଆନୁଷ୍ଠାନିକ ପ୍ରଶଂସା, କର୍ମମୁଖର ହେବେ, ଯାତ୍ରାରେ କଳହ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପ୍ରେରଣା, ପାରିବାରିକ ସହଯୋଗ, ଦ୍ୱନ୍ଦ୍ୱର ଅବସାନ, ଆଶଙ୍କା ଦୂର ହେବ।

# କୁକୁର କରୁଛି ମୁଣ୍ଡରେ ବାଲାନ୍ସ

ହାର୍ଲସୋ ନାମକ ଏକ କୁକୁରର ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଏବେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। କାରଣ ଏହି କୁକୁର ପାଖରେ ରହିଛି ମୁଣ୍ଡରେ ବିଭିନ୍ନ ପ୍ରକାର ଜିନିଷକୁ ବାଲାନ୍ସ କରି ରଖିବାର ଅପୂର୍ବ କଳାକୌଶଳ। ତା'ର ମାଲିକ ପଲ୍ ଲାଭେରୀଙ୍କ କହିବା ଅନୁଯାୟୀ, ହାର୍ଲସୋକୁ ଯେବେ ମାତ୍ର ଦୁଇବର୍ଷ ହୋଇଥିଲା ସେବେ ଭୁଲ୍‌ବଶତଃ ମୁଁ ତା' ମୁଣ୍ଡ ଉପରେ ଏକ ଛୋଟ ଖେଳଣାଟିଏ ଥୋଇ ଦେଇଥିଲି। କିଛି ସମୟ ପରେ ଦେଖିଲା ବେଳକୁ ସେହି ଖେଳଣାଟି ସେମିତି ତା' ମୁଣ୍ଡ ଉପରେ ଥୁଆ ହୋଇଛି ଆଉ ହାର୍ଲସୋ ବି ଆଦୌ ବିଚଳିତ ହେଉନାହିଁ। ସେଦିନ ପ୍ରଥମ ଥର ପାଇଁ ମୋତେ ଟିକେ ଆଶ୍ଚର୍ଯ୍ୟ ଲାଗିଥିଲା। ଏହାର କିଛିଦିନ ପରେ ଭାଲେଣ୍ଟାଇନ୍ସ ଡେ' ଅବସରରେ ଗୋଟିଏ ଗୋଲାପ ଫୁଲ ମୁଁ ତା'ମୁଣ୍ଡ ଉପରେ ରଖିଦେଲି। ସେଦିନ ବି ସେୟା ହେଲା। ତା'ପରଠୁ ମୁଁ କନ୍‌ଫର୍ମ ହୋଇଗଲି ଯେ, ହାର୍ଲସୋ ପାଖରେ ଜିନିଷକୁ ବାଲାନ୍ସ କରି ରଖିବାର ଏକ ଅପୂର୍ବ କଳା ରହିଛି। ବାସ୍ ତା'ପରଠୁ ତା'ର ଟ୍ରେନିଂ ଆରମ୍ଭ କରିଦେଲି; ଯାହାର ଫଳସ୍ୱରୂପ ଏବେ ହାର୍ଲସୋ ତା' ମୁଣ୍ଡରେ ଛୋଟ କଖାରୁଠୁ ଆରମ୍ଭ କରି ଫୁଲକୁଣ୍ଡ, ପାଣି ଭର୍ତ୍ତି ଗ୍ଲାସ୍, ଥାକ ଥାକ ହୋଇ ରହିଥିବା ଏକାଧିକ ପିଜା, ଆଇସ୍‌କ୍ରିମ୍ କପ୍, ଫୁଟ୍‌ବଲ୍ ତଥା ବିଭିନ୍ନ ପ୍ରକାର ଫଳ ଇତ୍ୟାଦିକୁ ଆରାମରେ ବାଲାନ୍ସ କରି ବେଶ୍ କିଛି ସମୟ ରଖିପାରୁଛି। ଆଉ ଯେଉଁଥିପାଇଁ ସୋସିଆଲ୍ ମିଡିଆରେ ଏବେ ତା'ର ଖୁବ୍ ଚର୍ଚ୍ଚା ବି ହେଉଛି।



# ପାଠକୀୟ

➤ଦେହାନ୍ତ ପରେ ମରଶରୀରକୁ କିଏ କବର ଦିଅନ୍ତି ତ କିଏ ଅଗ୍ନିରେ ଦାହ କରନ୍ତି। ଏମିତି ଅନେକ ବ୍ୟବସ୍ଥାରେ ହୁଏ ଶବସଂସ୍କାର। ଏହି ସଂସ୍କାର କାହିଁ କେଉଁ କାଳରୁ ପୁଅମାନେ ସମାପନ କରି ଆସୁଥିବାବେଳେ କେଉଁଠି କେଉଁଠି ଝିଅମାନେ ବି ମୁଖାଗ୍ନି ଦେବାର ନଜିର ଦେଖିବାକୁ ଏବେ ମିଳିଲାଣି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପିତ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମହିଳା ଓ ମୁଖାଗ୍ନି'ଟି ଅତି ଉଚ୍ଚକୋଟୀର ହୋଇଥିଲା। 'ଘରେ କ'ଣ ରଖିଲେ ବଢ଼ିଥାଏ ଧନ' ପାଠଟିରୁ ଅନେକ ନୂଆକଥା ଜାଣିବାକୁ ମିଳିଲା।

**–ଶ୍ୟାମଘନ ସାହୁ, ବରମୂଳ, ରଣପୁର, ନୟାଗଡ଼**

➤ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ମହିଳା ଓ ମୁଖାଗ୍ନି' ଏକ ନିଆରା ଆଲେଖ୍ୟ ଥିଲା। ଚିରାଚରିତ ପ୍ରଥାରୁ ବାହାରି ଏବେକାର କିଛି ମହିଳା କେଉଁ କରୁଣ ପରିସ୍ଥିତିରେ ମୁଖାଗ୍ନି ଦେବାକୁ ବାଧ ହୋଇଥିଲେ ତାହା ଏଥିରୁ ଜାଣିହେଲା। ସେହିପରି 'ମେଣ୍ଢା ଦେହରୁ ବାହାରିଲା ୩୫ କି.ଗ୍ରା. ଲୋମ' ପାଠଟି ବି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ଲେଖିକା-ନାୟିକା-ନିର୍ଦ୍ଦେଶିକା ଭାସ୍ୱତୀ ବସୁଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**–ଅକ୍ଷୟ ସାମନ୍ତରାୟ, ବାଣପୁର, ଖୋର୍ଦ୍ଧା**

➤ସୃଜନ ପୃଷ୍ଠାରେ ସ୍ଥାନିତ 'ଆରୋହୀ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ବିଜୟା', 'ଉଷ' ଏବଂ 'ଅସ୍ମିତା' ଆଦି କବିତାଗୁଡ଼ିକ ଖୁବ୍ ମର୍ମସ୍ପର୍ଶୀ ଥିଲା। ଏଥରର ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ହୋଇପାରିଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ପରିଣିତିଙ୍କ ଆଶା', 'ବକ୍ସିଂ ମାୟାରେ ଟାଇଗର୍' ଏବଂ 'ଇମୋଶନାଲ ଦିଶା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଧ୍ୟ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା।

**–ସୂର୍ଯ୍ୟନାରାୟଣ ମିଶ୍ର, ରୋଷଣା, ପୁରୀ**

➤ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଅଧାପିକା, ଅଭିନେତ୍ରୀ, ଉପସ୍ଥାପିକା ତଥା ସାମାଜିକ କର୍ମୀ ଅନନ୍ଦା ପ୍ରଭା ରାୟଙ୍କ ରୋଜଗାର ସମ୍ପର୍କିତ ଅନୁଭୂତି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। 'ସବୁଠୁ ବଡ଼ ଆବକ୍ଷ ମୂର୍ତ୍ତି' ପାଠଟି ଯେମିତି ସୁନ୍ଦର ଥିଲା ଏହାର ଫଟୋଟି ମଧ୍ୟ ସେତିକି ଆଖିଦୃଶିଆ ହୋଇପାରିଥିଲା। ଅନ୍ୟପକ୍ଷେ ଏଥରର ସ୍ୱତନ୍ତ୍ର ଆଲେଖ୍ୟ 'ଗପ ନୁହେଁ'ରେ ସ୍ଥାନିତ ''ମା' ଆଣିଥିଲା ଦାନ୍ତ କାଠି'' ପାଠଟି ଖୁବ୍ ମର୍ମସ୍ପର୍ଶୀ ହୋଇପାରିଥିଲା।

**–ସୁଜିତ୍ ବେହେରା, ଖଲ୍ଲିକୋଟ, ଗଞ୍ଜାମ**

## ବିଶେଷ ଚିଠି



ଧରିତ୍ରୀର ତୁମେ ପ୍ରିୟ ଛୁଟିଦିନ
ସବୁ ଲେଖା ତୁମ ଅଟେ ଅନନ୍ୟ,
ପ୍ରଚ୍ଛଦ ତୁମର ଅତି ଚମତ୍କାର
ଶିଖାଏ ଆମକୁ କଥା ଦୁନିଆର,
ସିନେମା ଦିଏ ସେଲିବ୍ରିଟିଙ୍କ ବାର୍ତ୍ତା
ସାଥୀ କହିଥାଏ ମନର କଥା,
ସହର ଟାଣିନିଏ ବାହାର ଦୁନିଆକୁ
ବ୍ୟାକ୍‌ପେଜ୍ ଦେଖାଏ ନିଆରା କଥା ସବୁକୁ।
ତେଣୁ ଛୁଟିଦିନ ତୁମକୁ ଜୁହାର
ଆସୁଥାଅ ଏମିତି ପ୍ରତି ରବିବାର।

**–ପ୍ରିୟଙ୍କା ମିଶ୍ର, ମାଟିତୋଟା, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଖରାଛୁଟି

ଖରାଛୁଟି!! ଆଃ!! କେବେ ସରିବ ପରୀକ୍ଷା। ଆରମ୍ଭ ହୋଇଯାଏ ଦିନଗଣିବା, ପରୀକ୍ଷାର ଶେଷ ଆଡ଼କୁ ଆଉ କ'ଣ ସତରେ ପାଠରେ ମନଲାଗେ, ମାମୁ ଘରକୁ ଯିବାର ଅଛି। ମାଉସୀ, ପିଉସୀ ଓ ତାଙ୍କ ପିଲାମାନେ ଆସିବାର ଅଛି। କଞ୍ଚା ଆମ୍ବ ଖାଇବା, ଖରାବେଳେ ପାଣିରେ ବୁଡ଼ିବା ପୁଣି ଗାଁ ଯାତ୍ରା। ଓଃ! କେତେ ସବୁର ପ୍ରସ୍ତୁତି। ସବୁଠୁ ବଡ଼ କଥା ପାଠ ପଢ଼ିବା ପାଇଁ ଆଉ କେହି ଗାଳିଦେବାର ନାହିଁ। ପାଠରୁ ଏକପ୍ରକାର ଛୁଟି। ଏମିତି ହିଁ ଦିନେ ଆସୁଥିଲା ଖରାଛୁଟି। ସକାଳୁ ଉଠି ପାଠ ପଢ଼ି ବସିବାର ଆକଟ ନାହିଁ। କି ସନ୍ଧ୍ୟାରେ ବସି ଅଙ୍କ କଷିବାର ତାଗିଦା ନାହିଁ। ସାରାଦିନ ଖେଳ, ବୁଲ, ମସ୍ତି, ସନ୍ଧ୍ୟାରେ ଗପ ଗାଁ ଯାତ୍ରା ବୁଲିବା ଭିତରେ କେତେବେଳେ ଆସିଯାଏ ପରୀକ୍ଷା ଫଳ ପ୍ରକାଶର ସମୟ। ପୁଣି ସ୍କୁଲ ଯିବାର ଚିନ୍ତା। ଖୋଜାପଡ଼େ ବହିଖାତା କଲମ ପେନସିଲ। ସରିଯାଏ ଖରାଛୁଟି। ଏମିତି ଏମିତିରେ କଟୁଥିବା ଖରାଛୁଟିର ସ୍ୱରୂପ କିନ୍ତୁ ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ପରୀକ୍ଷା ସରୁଛି, ଛୁଟି ଆସୁଛି କିନ୍ତୁ ହଜେଇ ଦେଇଛି ତା'ର ସ୍ୱାଧୀନତା, ବିନ୍ଦାସପଣ। ହିସାବୀ ହୋଇଯାଉଛି ଛୁଟିର ଦିନଗୁଡ଼ାକ। ପାଠପଢ଼ା କୋଚିଂ ସେଣ୍ଟର, ଡ୍ୟାନ୍ସ କ୍ଲାସ ଆଉ ସମର୍ କ୍ୟାମ୍ପ ଭିତରେ ଛନ୍ଦି ହୋଇଯାଉଛି ଖରାଛୁଟି। ଆଉ ତା' ସହିତ ଛନ୍ଦି ହୋଇ ଯାଉଛନ୍ତି କୁନି ପିଲାମାନେ। ବିଭିନ୍ନ ପ୍ରତିଯୋଗିତା ପୁଣି ପିଲାଟି କାଳେ ଅନ୍ୟ ପିଲାଙ୍କ ସହ ସମକକ୍ଷ ନ ହୋଇପାରିବ ଏମିତି ଭାବନାରେ ମାତାପିତା ବି ଖରାଛୁଟିକୁ ନେଇ ଗୋଟେ ଲମ୍ବା ପ୍ରସ୍ତୁତିରେ ଲାଗି ପଡନ୍ତି। ଛୁଟିଭିତରେ ସେ କ'ଣ ପାଠ ପଢ଼ିବ, କୋଉ କୋଚିଂ ସେଣ୍ଟର ଯିବ, ସମର କ୍ୟାମ୍ପ ଯିବ ନା ଡ୍ୟାନ୍ସ କ୍ଲାସ ନା ସୁଇମିଂ କ୍ଲାସ୍। ପୁଣି ଭୋରରୁ ଉଠି କରାଟେ କ୍ଲାସ। ପୂରା ଦିନ କାହା ପରେ କୋଉଟା କରିବା ଚିନ୍ତା, ଆଉ ଧାଁ ଧପଡ଼ ଭିତରେ ପିଲାଟି କଥା କେହି ଥରେ ବି ଶୁଣିବାକୁ ଚାହାନ୍ତି ନାହିଁ ଯେ, ଏଥର ଖରାଛୁଟି ସେ କେମିତି କାଟିବାକୁ ଚାହୁଁଛି। ଏହି ଧାରାର ଆରମ୍ଭ କେବଳ ପିଲାଙ୍କଠାରୁ ଖେଳିବା ବୁଲିବାର ଖୁସି ଛଡ଼େଇ ନେଇନି ପିଲାଙ୍କୁ ସମ୍ପର୍କଠାରୁ ବି ଦୂରେଇ ଦେଇଛି। ଏବେ ପରିସ୍ଥିତି ଏମିତି ହେଲାଣି ଯେ ସହରରେ ରହୁଥିବା ପିଲାମାନେ ଆଉ ଗାଁକୁ, ମାମୁଘର କି ମାଉସୀ ଘର ଯିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ତା'ବଦଳରେ ଘରେ ବସି ଟ୍ୟାବ କି ମୋବାଇଲରେ ଖେଳି ବେଶି ଖୁସି ହେଉଛନ୍ତି। ମା'ବାପା ବି ଘରକୁ କିଏ ବନ୍ଧୁ ଆସିଲେ ପିଲାଟିକୁ କୁହନ୍ତି, ପରୀକ୍ଷା ଅଛି ତୁ ଯା' ପଢ଼ିବୁ। ସେମାନଙ୍କ ତାଗିଦାରେ ପିଲାଟି ନିଜ ଇଚ୍ଛା ଚାପି ବାଧ ସନ୍ତାନଟିଏ ହୋଇ ପଢ଼ି ବସୁଛି। ଆଉ ଆଗକୁ କେହି ସମ୍ପର୍କୀୟ ଆସିଲେ ପଢ଼ା ସମୟରେ ଅଭିଭାବକଙ୍କ ଡରରେ ଆଉ ତାଙ୍କ ପାଖକୁ ଆସିବାକୁ ଚାହୁଁନି। ପରବର୍ତ୍ତୀ ସମୟରେ ସେହି ପିଲାଟି ଆଉ ମିଶି ପାରୁନି ସମ୍ପର୍କୀୟଙ୍କ ସହ। ଦୋଷ କିନ୍ତୁ ହେଉଛି ପିଲାଟିର ଯେ, ତାକୁ କୁହାଯାଉଛି ସେ କାହା ସହିତ ମିଶିବାକୁ ଚାହୁଁନି କି ନିଜର ବୋଲି କାହାକୁ ଜାଣୁନି। ଆଗକୁ ଏଇୟା ହେଉଛି ଯେ କେବଳ ପାଠପଢ଼ା ଚାକିରିକୁ ସେ ଗୁରୁତ୍ୱ ଦେଉଛି। ତା ପାଇଁ ସମ୍ପର୍କର ମୂଲ୍ୟ କମି କମି ଯାଉଛି। ତାକୁ ଲାଗୁନି ଯେ ବାପା, ମା, ଦାଦା, ଖୁଡ଼ୀ ମଉସା ମାଉସୀଙ୍କ ପାଖକୁ ଯିବା, ତାଙ୍କ କଥା ବୁଝିବା ନିଜର କର୍ତ୍ତବ୍ୟ ଆଉ ଦାୟିତ୍ୱ ବି। ଏସବୁ ଦେଖିଲେ ଲାଗେ ପ୍ରଥମ ଭୁଲ୍ ଅଭିଭାବକଙ୍କର, କିନ୍ତୁ ସମସ୍ତେ କୁହନ୍ତି ଆଜିକାଲି ପିଲା ବଦଳି ଗଲେଣି, ବୁଢ଼ା ବାପା ମା'ଙ୍କୁ ପଚାରୁ ନାହାନ୍ତି। ସେମାନଙ୍କ ଭିତରେ ଭଲପାଇବା ନାହିଁ, ସ୍ୱାର୍ଥପର ହୋଇ ଯାଉଛନ୍ତି। ନିଜ କ୍ୟାରିୟର ଛଡ଼ା ଆଉ କିଛି ଦେଖାଯାଉ ନାହିଁ। ଏମିତି ଭିନ୍ନ ଭିନ୍ନ ସମାଲୋଚନାର ଶିକାର ହେଉଥିବା ସେହି ପୁଅ ଝିଅଙ୍କର ମାନସିକତାରେ ଯେଉଁ ପରିବର୍ତ୍ତନ ଦେଖାଦେଇଛି ତା'ପାଇଁ ସତରେ କ'ଣ ସେମାନେ କେବଳ ଦାୟୀ ? ଆଜି ପରିବାରରେ, ସାମାଜିକ ସମ୍ପର୍କରେ ଯେଉଁ ଅବକ୍ଷୟ ହୋଇ ଚାଲିଛି ତା'ପାଇଁ କ'ଣ ରହିଛି କାରଣ ତାକୁ ଖୋଜିବା, ବୁଝିବା ନିହାତି ଆବଶ୍ୟକ। ପିଲାଙ୍କ ପାଠପଢ଼ା ଯେତିକି ଜରୁରୀ ସେତିକି ବି ଜରୁରୀ ଗୋଟେ ପିଲାର ପାରିବାରିକ ବନ୍ଧନ।





**ଅପହୃତ ଅବକାଶ** *–ମାନମୟୀ ରଥ, ଅଧ୍ୟକ୍ଷା , ସେଣ୍ଟ ଜାଭିଅର, କିଡ୍ସ*

ପିଲାଙ୍କ ଲାଗି ଖରା ଛୁଟି କାହିଁ ଯେ ! ଯାହା ବି ମିଳୁଚି ସେ ତ ପ୍ରାୟୋଜିତ । ଶିକ୍ଷକ ହୁଅନ୍ତୁ କି ଅଭିଭାବକ ଉଭୟେ ଛଡ଼େଇ ନେଉଛନ୍ତି ଶିଶୁଙ୍କଠାରୁ ଛୁଟି ମନେଇବାର ଖୁସି ଟିକକ ଯେମିତି। ବାର୍ଷିକ ପରୀକ୍ଷା ସରୁ ସରୁ ପରବର୍ତ୍ତୀ ଶିକ୍ଷା ବର୍ଷ ପାଇଁ ପାଠପଢ଼ା ତୁରନ୍ତ ଆରମ୍ଭ କରିଦେବା, ଛୁଟିର ସମୟକୁ ମାପି ବିଦ୍ୟାଳୟ ତରଫରୁ ହୋମ୍‌ୱାର୍କ ଦେବା, ସମର କ୍ୟାମ୍ପ ଆୟୋଜନ କରିବା ଭଳି କାମରେ ପିଲାଙ୍କ ଇଚ୍ଛା ଏବଂ ମନକୁ ବାନ୍ଧି ଦେଇଥାନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ଅଭିଭାବକମାନେ ବି ପିଲାଙ୍କ ପାଇଁ ଏକ ଲମ୍ବା ଲିଷ୍ଟ ତିଆରି କରି ଦିଅନ୍ତି। ଏଭଳି କରି ଉଭୟ ଶିକ୍ଷକ ଏବଂ ଅଭିଭାବକମାନେ ପିଲାଙ୍କ ପ୍ରତି ସେମାନଙ୍କ ଦାୟିତ୍ୱ ସମ୍ପାଦନ କଲେ ବୋଲି ମନେ କରନ୍ତି। କିନ୍ତୁ ବାସ୍ତବରେ ଏହା ମାଧ୍ୟମରେ ପିଲାଙ୍କଠାରୁ ସେମାନଙ୍କ ଛୁଟି କାଟିବାର ମୌଳିକ ଅଧିକାର ଛଡ଼େଇ ନିଅନ୍ତି ବୋଲି ମୋର ମନେହୁଏ । ବସ୍ତୁତଃ ପିଲାଏ ପରିସ୍ଥିତି ସହ ଏଭଳି ଅଭ୍ୟସ୍ତ ହୋଇଗଲେଣି ଯେ ଏପରି ଏକ ସୁଖଦ ଅବସର ସେମାନଙ୍କ ଲାଗି ଅଭିପ୍ରେତ ବୋଲି ବୁଝିବାକୁ ମଧ୍ୟ ଅବସର ପାଆନ୍ତି ନାହିଁ । ଦିନେ କିନ୍ତୁ ଅପେକ୍ଷା ରହୁଥିଲା କେମିତି ପରୀକ୍ଷା ସରିବ ଆଉ ଆରମ୍ଭ ହେବ ଖରାଛୁଟି । ବୁଲା ହେବ ମାମୁ କି ମାଉସୀଙ୍କ ଗାଁ, ତୋଳା ହେବ ଆମ୍ବ। ଖୋଜା ହେବ ଜାମୁକୋଳି, କେନ୍ଦୁ, ତରଭୁଜ । ଖିଆ ହେବ କାଠିଲଗା ଆଇସକ୍ରିମ । ଖରା ଶୋଷି ନେଇଥିବା ପୋଖରୀରେ ଅଳ୍ପ ପାଣିରେ ନିଧଡକ ବୁଡ଼ାହେବ ଖରାବେଳେ। ଜେଜେମା' କି ଆଈଙ୍କଠାରୁ ଶୁଣା ହେବ ରାତିଠାରୁ ଅଧିକ ଲମ୍ବା କାହାଣୀ । ଛୁଟି କାଟିବାର କଳ୍ପନାରେ ଢେର ଦିନ ଆଗରୁ ଆମେ ପିଲାଏ ମସଗୁଲ ରହୁଥିଲୁ। ସେବର ଅଭିଭାବକମାନେ ପିଲାଙ୍କ ସମୟରେ କମ୍ ନାକ ଗଳାଉଥିଲେ। ହେଲେ ଆଜିର ଅଭିଭାବକମାନେ ପ୍ରତିଯୋଗିତାକୁ ଆଖିରେ ରଖି ପିଲାଙ୍କଠାରୁ ସନ୍ତର୍ପଣରେ ଅପହରଣ କରି ନେଇଆସୁଛନ୍ତି ସେମାନଙ୍କ ଛୁଟି। ପିଲାଙ୍କୁ ନିଜେ ନିଜର ହେବାକୁ ଦେଇ ଉଭୟ ଅଭିଭାବକ ଓ ଶିକ୍ଷକ ମାଲିକ ନୁହେଁ ମାର୍ଗଦର୍ଶକ ହେଲେ ଭଲ ହୁଅନ୍ତା । ଛୁଟି ସମୟତକ ମୁରବି ଓ ଶିକ୍ଷକମାନେ ପିଲାଙ୍କ ସହିତ ସମୟ କାଟିପାରିଲେ ଛୁଟିର ନିଆରା ଆନନ୍ଦ ମିଳିପାରନ୍ତା ।

**ଟିୟୁସନ ଓ କୋଚିଂ ସେଣ୍ଟରର ନିର୍ଦ୍ଦିଷ୍ଟ ସମୟସୀମା ରହୁ**

*–ମାନସୀ ପାଢୀ, ସଦସ୍ୟା, ଶିଶୁକଲ୍ୟାଣ ସମିତି*

ଆମେ ତାଳଚେର କାଲ୍‌ଟାରେ ରହୁଥିଲୁ। ବାପା ଥିଲେ ମାଇନିଂ ଇଞ୍ଜିନିୟର। ଚାରି ଭାଇଭଉଣୀ। ସେତେବେଳେ ସ୍କୁଲର ଖରାଛୁଟି ଅର୍ଥାତ୍ ନିର୍ଦ୍ଧୂମ ବୁଲାବୁଲି। ଖେଳିବା, ବୁଲିବା, କୋଳି ତୋଳିବା ଏସବୁ ଭିତରେ ଖରାଛୁଟି କେମିତି କଟି ଯାଉଥିଲା ଜଣାପଡୁ ନ ଥିଲା। ଏବେ କିନ୍ତୁ ପିଲାଙ୍କୁ ଦେଖି ଦୁଃଖ ଲାଗୁଛି। ପ୍ରତିଯୋଗିତାର ଚାପ ଆଗରେ ପିଲାଙ୍କୁ ଛୁଟି ଭିତରେ ପାଠ ପଢେଇବାକୁ କୋଚିଂ ସେଣ୍ଟରରେ ଛାଡ଼ିବାକୁ ମା'ବାପା ବାଧ ହେଉଛନ୍ତି। କାହିଁକିନା ନିଜ ପିଲାଟି ଅନ୍ୟ ପିଲାଙ୍କଠାରୁ ପଛରେ ପଡ଼ିଯିବ। ଟିୟୁସନ୍ ଓ କୋଚିଂ ସେଣ୍ଟର ଭିତରେ ପିଲାଟିର ଖେଳିବା ତ ଦୂରର କଥା ଖାଇବାକୁ ବି ସମୟ ରହୁନି। ଏ ଭିତରେ ସେ ପାଠକୁ କେତେ ଗ୍ରହଣ କରୁଛି ତା' ଭିତରେ କେତେ ଚାପ ବଢୁଛି ସେ କଥା କେହି ବୁଝିବାକୁ ନାରାଜ। ଅନେକ ସମୟରେ ଦୁଃଖ ଲାଗିଲେ ବି ଯେମିତି ଉପାୟ ନାହିଁ। ତେଣୁ ମୋ ମତରେ ଶିକ୍ଷାବର୍ଷକୁ ଆଉ ଗୋଟେ ମାସ ଘୁଞ୍ଚାଇ ଦେଲେ ଭଲ ହୁଅନ୍ତା। ପିଲାମାନେ ଗୋଟେ ମାସ ନିଜ ପାଇଁ ବଞ୍ଚିପାରନ୍ତେ। ଆଉ କୋଚିଂ ସେଣ୍ଟର ବି ବ୍ୟବସାୟିକ ଦୃଷ୍ଟିକୋଣକୁ ଦେଖି ମନଇଚ୍ଛା ସମୟ ରଖୁଛନ୍ତି ; ଯେଉଁଥିପାଇଁ ପିଲାଟି ସ୍କୁଲରୁ ଆସି ପୋଷାକ ବଦଳାଇ ଖାଇବା ପାଇଁ ବି ସମୟ ପାଉ ନାହିଁ। ସେଥିରେ ସେ ପଢ଼ିବାକୁ ଗଲେ କ'ଣ ସେ ପାଠରୁ ଗ୍ରହଣ କରୁଥିବ ? ତେଣୁ ଟିୟୁସନ୍ କୋଚିଂ ସେଣ୍ଟରର ଗୋଟେ ନିର୍ଦ୍ଦିଷ୍ଟ ସମୟସୀମା ନିହାତି ରହୁ। ପିଲାଟି ତା' ନିଜକୁ ଜାଣିବାକୁ, ନିଜକୁ ବୁଝିବାକୁ, ତାକୁ କିଛି ସମୟ ଦେବା ନିହାତି ଦରକାର। ନଚେତ୍ କ୍ୟାରିୟର ନାଁରେ ତା' ଭବିଷ୍ୟତ ନଷ୍ଟ ହୋଇଯିବ।


**ଗପ ପରି ଲାଗେ ସେଦିନର ଖରାଛୁଟି– ଅଲେଖ ମିଶ୍ର,ଲେଖକ**

ଭୁବନେଶ୍ୱରର ୟୁନିଟ୍ ୮ ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଷ୍ଟାଣ୍ଡାର୍ଡ ୱାନରେ ପଢୁଥିବା ମୋର ଛୋଟ ନାତିଟିର କେଜାଣି କାହିଁକି ପୁରୁଣାକାଳିଆ ଗପ

→







ଶୁଣିବାରେ ପ୍ରବଳ ଆଗ୍ରହ। ତେଣୁ ପ୍ରତିଦିନ ସଞ୍ଜ ହେଲା ମାତ୍ରେ ଗପ ଶୁଣିବା ପାଇଁ ସେ ମତେ ଅଥୟ କରିପକାଏ। ଏ ବର୍ଷ ତ ତା'ର ବର୍ଷସାରା ଛୁଟି। ତେଣୁ ତା'ର ଗପ ଶୁଣିବାର ଅବଧି ବଢ଼ିଯାଇଛି। ଦିନେ ସେ ଜିଦ୍ କଲା, ଆଜି ଗୋଟିଏ ନୂଆ ଗପ କୁହ। ମୁଁ କହିଲି, ଦୁଃଖ କହିବି ନା ସୁଖ କହିବି? ଯାହା ଅଙ୍ଗେ ନିଭେଇଛ ସେୟା କହିବି। ଏହାର ମର୍ମ ସେ ବୁଝିଲା କି ନାହିଁ କେଜାଣି ହଠାତ୍ କହିଲା, ଏତେ ଲମ୍ବା ଛୁଟି! ମୁଁ ତ ବୋର ହୋଇଗଲିଣି । ତୁମେ ତ କହୁଥିଲ ପିଲା ଦିନେ ତୁମେ ଗାଁରେ ରହୁଥିଲ। ତେବେ ତ ତୁମେ ଆହୁରି ବୋର ହୋଇ ଯାଇଥିବ? ମୁଁ କହିଲି– ଆରେ ନା, ନା, ଆମ ପିଲାଦିନ ଏମିତି ନ ଥିଲା। ଛୁଟି ଯେତେ ଲମ୍ବା ହେଉଥିଲା ତା'ର ମଜା ସେତେ ବଢ଼ି ଚାଲୁଥିଲା। ଆଉ ଛୁଟି ସରିଆସିଲା ବେଳକୁ ଆମେ ଦୁଃଖରେ କାନ୍ଦି ପକାଉଥିଲୁ।

ସେଦିନ ନାତି ଆଗରେ ଯାହା ସବୁ କହିଥିଲି ତାହା ଥିଲା ମୋର ଅଙ୍ଗେନିଭା ଦୀର୍ଘ ୭୦–୭୫ ବର୍ଷ ତଳର କଥା। ଅବିଭକ୍ତ କଟକ ତଥା ଅଧୁନା କେନ୍ଦ୍ରାପଡା ଜିଲା ଅନ୍ତର୍ଗତ କରିଲୋପାଟଣା ଗ୍ରାମରେ ମୋର ଜନ୍ମ। ଗାଁଟିର ପଶ୍ଚିମ ଓ ଉତ୍ତର ଦିଗରେ ବହିଯାଉଥିଲା କରାଣ୍ଡିଆ ନଦୀ, ଅନ୍ୟପାର୍ଶ୍ୱରେ ଶଶ୍ୟ ଶ୍ୟାମଳା ବିସ୍ତୀର୍ଣ୍ଣ ଚାଷ ଜମି, ଗାଁ ମୁଣ୍ଡରେ ଗ୍ରାମ ଦେବତା କ୍ଷେତ୍ରପାଳଙ୍କ ମନ୍ଦିର, ଝଙ୍କାଳିଆ ବରଗଛ । ଆମ୍ବତୋଟା, ବିଭିନ୍ନ ପ୍ରକାର ଫଳ ଓ ଫୁଲର ବଗିଚା ଏଭଳି ନୈସର୍ଗିକ ଶୋଭାରାଶିର ସମାବେଶ ସେତେବେଳର ଗ୍ରାମ୍ୟ ଜୀବନକୁ ଏତେ ଆକର୍ଷଣୀୟ କରି ଗଢ଼ି ତୋଳିଥିଲା ଯେ, ତାରି କୋଳରେ ବିତେଇ ଥିବା ଶୈଶବକୁ ଭୁଲିବା ସମ୍ଭବ ନୁହେଁ । ବିଶେଷକରି ଗ୍ରୀଷ୍ମ ଋତୁରେ ନଦୀର ପାଣି ଠାଏ ଠାଏ ଶୁଖିଯାଇ ବାଲିସର ଦିଶେ। ତାରି ଉପରେ ଚାଲି ଚାଲି ନଦୀର ଅପର ପାର୍ଶ୍ୱରେ ଥିବା ଗାଁକୁ ଚାଲିଯାଉ। ଏତିକି ବେଳେ କଟକରେ ଚାକିରି କରୁଥିବା କକେଇଙ୍କ ପରିବାର ଗାଁକୁ ଆସନ୍ତି। ତାଙ୍କ ସହିତ ମିଶି ନଈରୁ ମାଛଧରୁ। ଖରାବେଳ ନଡ଼ିଆ ଚାଞ୍ଚରା (ନଡ଼ିଆପତ୍ରର ସପ) ଉପରେ ଆମ୍ବତୋଟାରେ ଶୁଅନ୍ତି ଜେଜେ । ଆମ୍ବ ପଡ଼ିଲେ ତାକୁ ସାଇତି ରଖି ଆମକୁ ଦିଅନ୍ତି । ଏତିକିବେଳେ ପାଚେ ଆମ୍ବ, ପଣସ, ପିଜୁଳି ଆଦି ବିଭିନ୍ନ ପ୍ରକାର ଫଳ। ଆଉ ମଲ୍ଲୀ, ଚମ୍ପା ପରି ସୁବାସିତ ଫୁଲର ସୁଗନ୍ଧରେ ସାରା ଗାଁ ମହକି ଉଠୁଥାଏ। ତାରି ଭିତରେ ଆସିଯାଏ ରଜ ମଉଜ। ସଜବାଜ ଦିନଠାରୁ ଭୂଦାହ ପର୍ଯ୍ୟନ୍ତ ଚାରିଦିନ କେମିତି କଟିଯାଏ ଜଣାପଡେନା। ରଜଦୋଳି, ପଶା, ଲୁଡୁ, ବାଗୁଡ଼ି, ବୋହୂ ଚୋରି ଇତ୍ୟାଦି ଖେଳରେ ମାତିଯାଆନ୍ତି ପିଲା ବୁଢ଼ା ସମସ୍ତେ। ଗାଁ ପୋଖରୀ, ଜୋର ଗୋଳିଆ ହୋଇ ମାଛ ଧରାହୁଏ। ରାତିରେ କାଳି ଜହ୍ନରେ ତାସ ଖେଳର ଆସର ଜମେ । ରଜ ସରିଲା ପରେ ପରେ ହଠାତ୍ ପିଲାଙ୍କ ମନରେ ଆସିଯାଏ ଦୁଃଖ। କାହିଁକି ନା ଖୋଲିଯାଏ ସ୍କୁଲ।

ଆନନ୍ଦରେ ନାଚି ଉଠିଲା ନାତିଟି। ଏତେ ବଢ଼ିଆ ଗପ ମୁଁ କେବେ ବି ଶୁଣି ନ ଥିଲି। ମତେ ଟିକେ ତୁମ ଗାଆଁକୁ ନେଇଯିବ? ମୁଁ ଟିକେ ସେହିଭଳି ମଜା କରନ୍ତି। କି ଉତ୍ତର ଦେବି ତାକୁ ? ଓଦା ହୋଇ ଆସୁଥିବା ଆଖିରେ ଝାପ୍ସା ହୋଇ ଯାଉଥିଲା ଦୂରରୁ ଦୂରକୁ ଅପସରି ଯାଉଥିବା ଗାଁର ସେହି ଅଭୁଲା ସ୍ମୃତି, ଅଲିଭା ଅନୁଭୂତି, ମନ କହୁଥିଲା– ଆ... ସେସବୁଥିରୁ କେତେ ବଞ୍ଚିତ ଏମାନେ !



ଅଲେଖ ମିଶ୍ର



ସ୍ୱପ୍ନା ବେହେରା



ମାନମୟୀ ରଥ



ସଂଘମିତ୍ରା ରାଏଗୁରୁ



ମାନସୀ ପାଢୀ

## ଖରାଦିନ ତାଙ୍କ ପାଇଁ ଉପହାର ହେଉ

*–ସ୍ୱପ୍ନା ବେହେରା, ଅବସରପ୍ରାପ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଇନର୍ ଚାଇଲ୍ଡ ପ୍ରେସ୍ ୟୁ.ଏସ୍.ର ଭାରତ ଓ ଦକ୍ଷିଣ ପୂର୍ବ ଏସିଆର କଲ୍ଚରାଲ୍ ଆମ୍ବାସଡର୍*

ଖରାଛୁଟି ଏକ ବିରତି। ପାଠ ପଢୁଥିବା ଛୋଟ ପିଲାଟିର ମାନସିକ, ଶାରୀରିକ ଧାଁ ଦଉଡ଼ରୁ ଅଳ୍ପ ବିରାମ। ସ୍କୁଲ୍ ବସ୍ ପାଇଁ ଅପେକ୍ଷା ନାହିଁ। ହୋମ୍ ୱାର୍କର ଚାପ ନାହିଁ। ଗୋଟିଏ ଶିକ୍ଷା ବର୍ଷ ପରେ ପରେ ମନ ମଉଜର ସୁଯୋଗଟିଏ। କିନ୍ତୁ ଏ ଘୋଡ଼ା ଦୌଡ଼ରେ ଭଲା ପିଲାଟିର ମତାମତ ଓ ନିଜ ଇଚ୍ଛା ମତେ ଖରାଛୁଟି କଟାଇବାର ଅବକାଶ କାହିଁ? ପାଟି ମେଲାଇ ଚାହିଁ ବସିଛି ସମର୍ କ୍ୟାମ୍ପ, ନାଚ, ଗୀତ, ପହଁରା କ୍ଲାସ। ଚକ୍ରବୃଦ୍ଧି ଶୁଦ୍ଧ ହାରରେ ସେଇ ଚାପ ବଢ଼େ। ଅଳ୍ପ ଦିନରେ ସବୁକିଛି ସାରିବାକୁ ହେବ। ଆସନ୍ତା ଶ୍ରେଣୀର ପାଠ ବି। ପିଲାଟି ତ ନିରୀହ, ତା' ଇଚ୍ଛା, ତା' ଯୋଜନାକୁ ପଚାରେ କିଏ? ଆମେ କହୁ ବେଶି, ତାଙ୍କ କଥା ଶୁଣୁ କମ୍। ଦିନସାରା ସେ କେବଳ ଶୁଣୁଥାଏ ନୀରବରେ ସମସ୍ତଙ୍କ କଥା। ଥରେ ପଚାରିବା ଏ ଖରାଛୁଟିରେ ତା'ର ଯୋଜନା କ'ଣ? ଆମ ଯୋଜନା ତା' ମନକଥା ଉପରେ ଘୋଡ଼ା ସବାର ହେଉନି ତ? ହୁଏତ ସେ ଶୋଇବାକୁ ଚାହେଁ ଅଧିକ ସମୟ, ଗପିବାକୁ ଚାହେଁ ସାଙ୍ଗ ସହ। ହୁଏତ ସେ ବିରତି ଚାହେଁ। ଆଗକୁ ସେମାନେ ସଂସାର ଚଳାଇବେ। ଜଟିଳ କଥାର ସିଦ୍ଧାନ୍ତ ନେବେ। ଜୀବନ ଜିଇବା ଏକ କଳା ମାତ୍ର କେମିତି ଜିଇବେ ଏହା ଏକ ବିଜ୍ଞାନ। ଖରାଛୁଟିରେ ପିଲାଏ ହସନ୍ତୁ, ଗାଆନ୍ତୁ, ଶଗଡ଼ ଗୁଳାରୁ ବାହାରନ୍ତୁ। ପ୍ରକୃତି ସହ ସମୟ କଟାନ୍ତୁ। ପ୍ରକୃତି ତ ମହାଗୁରୁ। ପ୍ରକୃତି ଭଲ ପାଇବା ଶିଖାଏ। ପିଲାଏ ନେତୃତ୍ୱ ନିଅନ୍ତୁ। ଆଦେଶ ଦିଅନ୍ତୁ। ଆମେ ମାନିବା। ଜୀବନ ଛୋଟ ଛୋଟ ମୁହୂର୍ତ୍ତକୁ ନେଇ ଗଢ଼ା। ଏ ମୁହୂର୍ତ୍ତ ସବୁ ଲଗାମ ନୁହେଁ, ମାତ୍ର ତାଙ୍କ ଜୀବନର ମହାର୍ଘ ଇନାମ। ଏଇ ଖରାଛୁଟିଟି ତାଙ୍କ ପାଇଁ ଉପହାର ହେଉ। ହୁଏତ ଆସନ୍ତାକାଲି ଏହି ଖରାଛୁଟି ହିଁ କିଛି କଳାକାର, ନାଟ୍ୟକାର, କୁଶଳୀ କାରିଗର, ବୈଜ୍ଞାନିକ, ଲେଖକ ବା ବକ୍ତା ତିଆରି ନ କରିବ କିଏ କହିବ। ପିଲାଏ ହସିଲେ ଦେଶ ହସିବ। ଏ ଖରାଛୁଟି ସେମାନଙ୍କୁ ନିରୁତା ହସର ସୁଯୋଗ ଦେଉ।









## ପିଲାଙ୍କ ଚାପ ଅନୁଭବି ହୁଏ କିନ୍ତୁ ଅସହାୟ ଲାଗେ

*–ସଂଘମିତ୍ରା ରାଏଗୁରୁ, ଅଭିଭାବକ*

ଦିନ ଥିଲା ଖରାଛୁଟି କହିଲେ ମାମୁ ଘରକୁ ଯିବା ହିଁ ମୁଖ୍ୟ ଥିଲା। ଦୋଳିଖେଳ, ତାଳ ସଜ, ସାଙ୍ଗସାଥୀ, ଲୁଡ଼ୋ, ପୁଚି, କଉଡ଼ି, ବାଗୁଡ଼ି ଖେଳର ଆସର ଜମୁଥିଲା ଗାଁ ଦାଣ୍ଡରେ। ଆଃ କେତେ ଖୁସି, କି ଆନନ୍ଦ...। ମୋଟାମୋଟି କହିବାକୁ ଗଲେ ଖରା ଛୁଟି ଥିଲା ପିଲାବେଳର ଜହ୍ନ–ଯା'ର ଅପେକ୍ଷାରେ କଟୁଥିଲା ରାତି ଆଉ ଦିନ। ଧୀରେ ଧୀରେ ବଦଳିଛି ସମୟ, ବଦଳିଯାଇଛି ଖରାଛୁଟିର ସଂଜ୍ଞା। ଏବେ ଖରାଛୁଟିରେ ଡେରା ଜମେଇଛନ୍ତି ସମର କ୍ଲାସ, ପାଠ୍ୟକ୍ରମ ଆଗୁଆ ଶେଷ କରିବାର ଟିୟୁସନ କ୍ଲାସ, କ୍ରିଏଟିଭ କ୍ଲାସ ଆଦି ଅନେକ ...। ପିଲାମାନେ ଦବି ଯାଇଛନ୍ତି ଅଭିଭାବକଙ୍କ ସ୍ୱପ୍ନର ସୌଧ ତଳେ। ଆଉ ଅଣନିଃଶ୍ୱାସୀ ହୋଇ ଦଉଡୁଛନ୍ତି ଅନବରତ। ସମୟର ଚାପରେ ଖରାଛୁଟି ଉଭାନ କହିଲେ ଚଳେ । ଦାୟୀ କିଏ? ଅଭିଭାବକ ନା ପ୍ରତିଯୋଗିତାମୂଳକ ସମୟ। ବୋଧେ ସମୟ, ଯାହାର ଡାକରାରେ ଅଭିଭାବକ ଅସହାୟ ଆଉ ଏଇ ଅସହାୟତାର ଶିକାର ପିଲା ଆଉ ଖରାଛୁଟି । ଅନେକବାର ବିଚଳିତ ହୁଏ ମନ। ପିଲାଙ୍କ ଉପରେ ଥିବା ଚାପ ଅନୁଭବି ହୁଏ। ହେଲେ ନିଜ ପିଲା ପଛରେ ପଡ଼ିଯିବାର ଭୟରୁ ମୁକୁଳେଇ ହୁଏନି ନିଜକୁ। ବୋଧେ ଆଗେଇ ଯିବାର ଲୋଭ ଉପରେ ଅଙ୍କୁଶ ଲଗେଇ ହୁଏନା। ଛଟପଟ ଲାଗେ କିନ୍ତୁ ଅସହାୟତା ଆବୋରି ବସେ।

ପ୍ରକୃତରେ ଏକଥା ସତ ଯେ, ପ୍ରତିଯୋଗିତା ଯେଉଁଭଳି ଭାବରେ ବଢ଼ିଛି ପିଲାଙ୍କୁ ଅଧିକରୁ ଅଧିକ ସମୟ ପାଠ ପଢ଼ିବାକୁ ହେବ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାକୁ ହେବ, କିନ୍ତୁ ଥରଟେ ବାପା ମା' ଭାବିବା ଦରକାର ଯେ, ସବୁପିଲା ସମାନ ନୁହନ୍ତି। ଅତ୍ୟଧିକ ପାଠପଢ଼ା ଚାପ ତା' ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପରିବର୍ତ୍ତେ ନଷ୍ଟ କରି ଦେଇପାରେ। ତା' ପିଲାଦିନକୁ ମନେପକେଇବା ପାଇଁ କିଛି ସୁଖଦ ମୁହୂର୍ତ୍ତ ତା' ପାଇଁ ରହୁ। ତା' ଭିତରେ ଅନ୍ୟମାନଙ୍କୁ ଆପଣାର କରିବା ପାଇଁ ମନଟିଏ ରହୁ। ତାକୁ ଅନ୍ୟମାନଙ୍କଠାରୁ ଅଲଗା ନ କରି ସମସ୍ତଙ୍କ ସହ ବଞ୍ଚିବା ଶିଖାନ୍ତୁ। ସେଇଥିରେ ହିଁ ତା'ର ବୌଦ୍ଧିକ ବିକାଶ ହେବ, ସେ ମଣିଷଟିଏ ପରି ମଣିଷ ହେବ।



–ରୋଜାଲିନ୍ ମହାନ୍ତି



## ଆକର୍ଷଣୀୟ ଯେମିତି ଆରାମଦାୟକ ସେମିତି

# ଝୁଲା



**ଝୁଲା:** ଯାହା ଉପରେ ଟିକେ ବସି ଝୁଲିଗଲେ ଶରୀରକୁ ବେଶ୍ ରିଲାକ୍ସ ଫିଲ୍ ହୁଏ। ଖାସ୍‌କରି ସନ୍ଧ୍ୟା ସମୟରେ ଚା' ପିଇଲାବେଳେ ହେଉ ଅବା ନିରୋଳାରେ ବହି କିମ୍ବା ମାଗାଜିନ୍ ପଢିଲାବେଳେ କିମ୍ବା ସାଙ୍ଗସାଥୀଙ୍କ ସହ ଫୋନ୍‌ରେ ଗପିବାବେଳେ, ଏହି ଝୁଲା ହିଁ ବସିବାର ବେଷ୍ଟ ମାଧ୍ୟମ ହୋଇଥାଏ। ତେବେ ପୂର୍ବେ ଏହାକୁ କେବଳ ବାଲକୋନିରେ ହିଁ ଟଙ୍ଗା ଯାଉଥିବାର ଦେଖିବାକୁ ମିଳୁଥିଲା, କିନ୍ତୁ ଏବେ ଅନେକେ ଘରର ବିଭିନ୍ନ ସ୍ଥାନରେ ଝୁଲା ଟଙ୍ଗାଇବାକୁ ପସନ୍ଦ କଲେଣି ; ଯଦ୍ୱାରା ଘରର ଶୋଭା ତ ବଢୁଛି ତା'ସାଙ୍ଗକୁ ଲୋକଙ୍କୁ ଆରାମ ବି ମିଳିପାରୁଛି...

**ସୋଫା କମ୍ ବେଡ୍ ଝୁଲା:** ଏହାକୁ ଲିଭିଂ ରୁମ୍‌ରୁ ଆରମ୍ଭ କରି ବେଡ୍‌ରୁମ୍ ପର୍ଯ୍ୟନ୍ତ ଯେଉଁଠି ବି ଚାହିଁବେ, ସେଠାରେ ଟଙ୍ଗାଇ ପାରିବେ। ତେବେ ଏହା ଟିକେ ଚଉଡା ଡିଜାଇନ୍‌ର ଝୁଲା ହୋଇଥିବାରୁ, ଏଥିପାଇଁ ଟିକେ ସ୍ପେଶ୍ ଦରକାର ହୋଇଥାଏ। କିନ୍ତୁ ଏହି ଚଉଡା ଡିଜାଇନ୍ ଯୋଗୁ ହିଁ ଏହା ଉପରେ ଦୁଇରୁ ତିନି ଜଣ ଲୋକ ଆରାମରେ ବସିପାରିବେ। ଏପରିକି ଯଦି ଚାହିଁବେ ଏହା ଉପରେ ଶୋଇକି ବି କେହି ବହି ପଢ଼ିପାରିବେ।

**ଲିଭିଂ ରୁମ୍ ଝୁଲା:** ଖାସ୍ କରି ଲିଭିଂ ରୁମ୍ ପାଇଁ ଏବେ ଏକ ସ୍ୱତନ୍ତ୍ର ଧରଣର ଝୁଲା ଆସିଲାଣି। ଯେଉଁଥିରେ ଦୁଇପଟ ସାଇଡ୍‌ରେ ଦୁଇଟି ଛୋଟ ଛୋଟ ସୋଫା ପଡିବ ଆଉ ମଝି ସ୍ପେଶ୍‌ରେ ଏକ ଝୁଲା ଡିଜାଇନ୍‌ର ସୋଫା ରହିବ।

**ଲିଭିଂ ରୁମ୍ ଉଡେନ୍ ଝୁଲା:** ଆଜିକାଲି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର କାଠ ଝୁଲା ବି ମିଳିଲାଣି। ସେଥିରେ ଗଦି ମଧ୍ୟ ଫିଟିଂ ହୋଇ ଆସୁଛି। ଆପଣ ଚାହିଁଲେ ବଡ଼ ସାଇଜ୍‌ର ଏହି ଗୋଟିଏ ଝୁଲାକୁ ବି ଲିଭିଂ ରୁମ୍‌ରେ ପକାଇ ଏହାର ଆକର୍ଷଣକୁ ବୃଦ୍ଧି କରିପାରିବେ।

**ହ୍ୟାଙ୍ଗିଂ ଚେୟାର୍ ଇଣ୍ଡୋର୍:** ଚେୟାର୍ ଡିଜାଇନ୍‌ର ଝୁଲାକୁ ଆପଣ ଚାହିଁଲେ ଲିଭିଂ ରୁମ୍‌ରେ, ବେଡ୍ ରୁମ୍‌ରେ କିମ୍ବା ବାଲ୍‌କୋନିରେ ବି ପକାଇପାରିବେ। ଏହି ଝୁଲା ପାଇଁ ବେଶି ସ୍ପେଶ୍ ମଧ୍ୟ ଆବଶ୍ୟକ ହୋଇ ନଥାଏ। ଖାସ୍ କରି ଉଡେନ୍‌ର ଚେୟାର୍ ଡିଜାଇନ୍ ବାଲା ଝୁଲା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଝୋଟ ଝୁଲା:** ଲିଭିଂ ରୁମ୍, ବେଡ୍ ରୁମ୍ କିମ୍ବା ବାଲକୋନିରେ ଟାଙ୍ଗିବା ପାଇଁ ଏବେ ଝୋଟରେ ତିଆରି ଝୁଲା ବି ଆସିଲାଣି। ଏହା ଉଭୟ ହ୍ୟାଙ୍ଗିଂ ଡିଜାଇନ୍ ଓ ଷ୍ଟାଣ୍ଡ ଡିଜାଇନ୍‌ରେ ଉପଲବ୍ଧ ହୋଇଥାଏ।


**ମେଟାଲ୍ ଝୁଲା:** ଷ୍ଟେନ୍‌ଲେସ୍ ଷ୍ଟିଲ୍ କିମ୍ବା ରଡ୍ ଡିଜାଇନ୍‌ର ଝୁଲାକୁ ସାଧାରଣତଃ ବଗିଚାରେ ପକାଯାଇଥାଏ। ଆପଣ ଚାହିଁଲେ ଏହାକୁ ବାଲକୋନି କିମ୍ବା ଲିଭିଂ ରୁମ୍‌ରେ ବି ରଖିପାରିବେ।


**ଦୋଳି ଡିଜାଇନ୍ ଝୁଲା:** ଯଦି ଆପଣ ଦାମିକିଆ ଝୁଲା ବ୍ୟବହାର କରିବାକୁ ଚାହୁଁ ନାହାନ୍ତି, ତା'ହେଲେ କେବଳ ଗୋଟିଏ ପଟାରେ ଦୋଳି ଡିଜାଇନ୍‌ର ଝୁଲା କରି ତାହାକୁ ଘରର ଯେ କୌଣସି ସ୍ଥାନରେ ଟାଙ୍ଗି ପାରିବେ। ଆଉ ତାହାକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ ସେଥିରେ ରଙ୍ଗିନ ଝାଲେରି କିମ୍ବା ଫୁଲ ବି ସଜାଇପାରିବେ।

ଝୁଲାରେ ବସି ଟିକେ ଝୁଲିଗଲେ ଶରୀରକୁ ବେଶ୍ ଆରାମ ଲାଗିଥାଏ। ପୂର୍ବେ ଏହାକୁ କେବଳ ବାଲକୋନିରେ ଟଙ୍ଗା ଯାଉଥିବାର ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଟ୍ରେଣ୍ଡ ବଦଳିଲାଣି, ଯଦ୍ୱାରା ଲୋକେ ଏହାକୁ ଘର ଭିତରେ ବି ଟାଙ୍ଗିଲେଣି...












# ଅଭିନୟ ମାୟାରେ ମଞ୍ଜୁଳତା



ଦୀର୍ଘ ୬ଦଶନ୍ଧି ଧରି ମଞ୍ଚକଳାକୁ ନେଇ ତାଙ୍କର ଦୁନିଆ, ତାଙ୍କ ଜୀବନ ଓ ସ୍ୱପ୍ନ। ଥିଏଟର, ଅପେରା, ରେଡିଓ, ଟିଭି ଓ ସିନେମା ଆଦି ବିଭିନ୍ନ କଳା କ୍ଷେତ୍ରରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ଜିଣିପାରିଛି। ତାଙ୍କୁ ଯେଉଁ ଚରିତ୍ର ଦିଆଯାଏ ସେଇ ଚରିତ୍ରକୁ ନେଇ ତାରି ଭିତରେ ସେ ହଜି ଯାଆନ୍ତି। ଏଥିଯୋଗୁ ତାଙ୍କର ବଳିଷ୍ଠ ଅଭିନୟ ଓ ସଂଳାପ ସମସ୍ତ ବର୍ଗର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥାଏ। ଏଥିପାଇଁ ତାଙ୍କୁ ମିଳିଛି ବହୁ ପୁରସ୍କାର ଓ ସମ୍ମାନ। ସେ ହେଲେ- ଓଡ଼ିଆ ଚଳଚ୍ଚିତ୍ର ଜଗତ ଓ ନାଟକମଞ୍ଚର ବିଶିଷ୍ଟ ସଫଳ ଅଭିନେତ୍ରୀ ମଞ୍ଜୁଲତା ପ୍ରଧାନ।

**ପରିବାର–** ସ୍ୱାମୀ ବିଜୟଚନ୍ଦ୍ର ଭୂୟାଁ, ଯେ କି ଜଣେ କଳାକାର ଓ ନାଟ୍ୟ ନିର୍ଦ୍ଦେଶକ, ଆଉ ମୋର ଦୁଇପୁଅ ଅଛନ୍ତି। ଗୋଟିଏ ଝିଅ ଥିଲା ଭଲ ଓଡ଼ିଶୀ ନାଚୁଥିଲା, ହେଲେ ବହୁତ କମ୍ ବୟସରେ ସେ ଆମକୁ ଛାଡି ଚାଲିଗଲା। ତା' ଦୁଃଖରେ ମୁଁ ସର୍ବଦା ଅନ୍ୟମନସ୍କ ହୋଇପଡ଼େ।

**ପିଲାଦିନ–** ମଞ୍ଜୁଲତାଙ୍କ ପିତା ଅପର୍ତ୍ତି ପ୍ରଧାନ, ମା' ଅହଲ୍ୟା ଦେବୀ। ଘର ପୁରୀ ଜିଲାର ଚନ୍ଦନପୁର ଗାଦିସାହିରେ। ସେ କୁହନ୍ତି, 'ମା'ବାପଙ୍କର ମୁଁ ଏକମାତ୍ର ଝିଅ, ଆଉ ମୋର ଜଣେ ଭାଇ। ମୋତେ ୬/୭ବର୍ଷ ହୋଇଥିବାବେଳେ ମୋ ବାପାଙ୍କ ମୃତ୍ୟୁ ହୋଇଥିଲା। ଏମିତିରେ ବୋଉ ହିଁ ଆମର ସବୁକିଛି ଦାୟିତ୍ୱ ତୁଲାଉଥିଲା। କଳାକାରହେବା ପାଇଁ ମୋର ସେମିତି କିଛି ଆଶା ନ ଥିଲା। ପ୍ରାୟ ୧୯୫୫ମସିହାର କଥା। ସେତେବେଳେ ଆମ ଗାଁ ଚନ୍ଦନପୁର ଉ:ପ୍ରା: ସ୍କୁଲରେ ମୁଁ ୪ର୍ଥ/୫ମରେ ପଢୁଥାଏ। ସେହି ସମୟରେ ମୁଁ ପ୍ରଥମ କରି 'ପେଟୁ' ନାମକ ଏକଏକାଙ୍କିକାରେ ଅଭିନୟ କରିଥିଲି। ତା'ପରେ ଦିନେ ପାଖ ଗାଁର ମୃଦଙ୍ଗବାଦକ ଗୁରୁ ବନମାଳୀ ମହାରଣା ଆମଘରକୁ ଆସି ମୋ ବୋଉଙ୍କୁ କହିଲେ– ନାନୀ, ଝିଅକୁ ସଂଗୀତ ଶିକ୍ଷା ପାଇଁ ଛାଡୁନୁ। ମାତ୍ର ବୋଉ ଟିକେ ଆଗପଛ ହୋଇଥିଲା। କାରଣ ଘରର ମୁରବି ତଥା ବାପା ନ ଥିଲେ। କାଳେ କିଏ କ'ଣ ଭାବିବ ସେହି ଚିନ୍ତା ତାଙ୍କୁ ଘାରୁଥିଲା। ସେ ଯାହା ହେଉ ମା' ମତେ ସଂଗୀତ ଶିକ୍ଷାପାଇଁ ଛାଡ଼ିଥିଲେ।



**ସଙ୍ଗିତ ନୁହେଁ ଅଭିନୟରେ କମେଇଲେ ନାଁ–** ୧୯୬୭/୬୮ମସିହାରେ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଓଡ଼ିଶୀ ନୃତ୍ୟରେ ଶିକ୍ଷାଲାଭ କଲି। ପରେ ହିନ୍ଦୁସ୍ଥାନୀ ଭାଓଲିନରେ ବି ୨ବର୍ଷ କୋର୍ସ କଲି। ହେଲେ ବିଧିର ବିଧାନ ବୋଧେ ଥିଲା ଭିନ୍ନ ଓଡ଼ିଶୀ କି ହିନ୍ଦୁସ୍ତାନୀରେ ନୁହେଁ ବରଂ ଅଭିନୟରେ ମତେ ମିଳିଲା ସୁଯୋଗ। ମୋର ପ୍ରଥମ ନାଟକ ଥିଲା 'ଚିତ୍ରଲେଖା' ଓ ଓଡ଼ିଆ ଚଳଚ୍ଚିତ୍ର 'ସିନ୍ଦୂରବିନ୍ଦୁ'। ଏହି କ୍ଷେତ୍ରରେ ଆଗେଇବା ପାଇଁ ମତେ ନାଟ୍ୟକାର ଭୁବନେଶ୍ୱର ମହାପାତ୍ର ଓ ପ୍ରଭାତି କୁମାରୀ ପଟ୍ଟନାୟକଙ୍କଠାରୁ ପ୍ରେରଣା ମିଳିଥିଲା। ପରେ ଏକ ଘଟଣାକ୍ରମେ ମତେ ଟିଭି ଧାରାବାହିକ 'ସମ୍ପର୍କ' ପାଇଁ ନେଗେଟିଭ ଚରିତ୍ରର ଅଫର୍ ମିଳିଲା। ଏହି ଧାରାବାହିକରେ ପ୍ରାୟ ୩୯୮ଟି ଏପିସୋଡରେ ଅଭିନୟ କରୁଥିବା କଳାକାର ଜଣଙ୍କ ଶରୀର ଅସୁସ୍ଥ ଯୋଗୁ ତାଙ୍କ ସ୍ଥାନରେ ସେହି ଅଭିନୟଟି କରିବାକୁ ଅଜିତ ସାର (ଅଜିତ ଦାସ) ମତେ ସୁଯୋଗ ଦେଇଥିଲେ। ପ୍ରଥମେ ଅରାଜି ହେଉଥିଲି। କାରଣ ଏତେଗୁଡ଼ିଏ ଏପିସୋଡରେ ଅଭିନୟ କରିସାରିଥିବା ସେହି କଳାକାରଙ୍କ ସ୍ଥାନ ମୁଁ ପୂରଣ କରିପାରିବି କି ନାହିଁ। ଆଉ ଦର୍ଶକ ମତେ ଗ୍ରହଣ କରିବେ କି ନାହିଁ ବୋଲି ମତେ ଡର ଲାଗୁଥିଲା। ହେଲେ ଭଗବାନଙ୍କ ଦୟାରୁ ମୋ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ଏହାପୂର୍ବରୁ 'ସିନ୍ଦୂରବିନ୍ଦୁ' ଚଳଚିତ୍ର ପାଇଁ ମତେ ନାୟିକାଭାବେ ମଧ୍ୟ ଚିନ୍ତା କରାଯାଇଥିଲା। ମାତ୍ର କୌଣସି କାରଣରୁ ସେଥିରେ ନାୟିକା ନ ହୋଇ ପାର୍ଶ୍ୱନାୟିକା ଭାବେ ସୁଯୋଗ ଦିଆଯାଇଥିଲା। ଏଥିରେ 'ଅଦିନ ମଲ୍ଲୀ ମହକ, କି କଲା କୁହୁକ...' ଗୀତରେ ରଙ୍ଗ ଚରିତ୍ର ଭୂମିକାରେ ଅଭିନୟ କରିଥିଲି। ସମୟକ୍ରମେ ସିନେମା, ଅପେରା, ଯାତ୍ରା, ରେଡିଓ, ଟିଭିରେ, କ୍ଷୁଦ୍ର ନାଟକ ଆଦିରେ ବିଭିନ୍ନ ଅଭିନୟ କରିସାରିଛି। ସଚ୍ଚି ଦାସଙ୍କ ଉଦ୍ୟମରେ ମୁଁ ଅପେରାରେ ପାଦ ଦେଇଥିଲୁ। ଅପେରା ମଧ୍ୟରେ ଉତ୍ତରାଣୀ (ସାତଶଙ୍ଖ) ଉତ୍କଳ ଅପେରା, ଓଡ଼ିଶା ଅପେରା, ତୁଳସୀ, ଗୌରୀ, ବାଣେଶ୍ୱରୀ, ଧଉଳି, ନଗେଶପୁର ଆଦି ପ୍ରାୟ ୯ଟି ଅପେରାରେ ମତେ କାମ କରିବାର ସୁଯୋଗ ମିଳିଛି। ସେଥିରୁମଧ୍ୟରୁ କିଛି ହେଉଛି– 'ଗୋଟିଏ ପଇସା', 'ବଳିବାମନ', 'ଛତ୍ରପତି ଶିବାଜୀ', 'କାଗଜଫୁଲ', 'କନିଆ ଯାଉଛି କାଞ୍ଚନଘର', 'କଥା ରହିଲା ମୋ ମଗୁଶୁରଙ୍କୁ', 'ଠକେଇ ଦେଲା ଠକ ପାଲିଙ୍କିରେ ବସେଇ ଦେଲା', 'ଭୁବନେଶ୍ୱର ତଟେ ଦୂରୁ ଜୁହାର' ଇତ୍ୟାଦି ନାଟକ। ଚଳଚ୍ଚିତ୍ର ମଧ୍ୟରେ– 'ସିନ୍ଦୂରବିନ୍ଦୁ', 'ଚିଲିକା ତୀରେ', 'ସାକ୍ଷୀଗୋପୀନାଥ', 'ଲାଲପାନ ବିବି', 'ମୋ ଭାଇ ଜଗା', 'ବାହୁଡ଼ିବେ ମୋ ଜଗାବଳିଆ' ଆଦି ୧୪ଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଛି। ମଞ୍ଚ ନାଟକ ମଧ୍ୟରେ 'ପେଟୁ', 'ଆମ୍ରାଲିପି', 'ଦୁଃଖ ନଦୀର ତୀରେ', 'ଉର୍ବଶୀ', 'କୁଳଚନ୍ଦ୍ରମା', 'ବାରବଧୂ', 'ଭାଇଭାଉଜ', 'ବଳିଦାନ', 'ରାଜମୁକୁଟ', 'ମୟୂର ସିଂହାସନ', 'କୃଷ୍ଣ ସୁଦାମା', 'ମୂଲିଆ', 'ମୃଗୟା', 'ବାଡୁଅ ଝିଅ', 'ତଥାପି ଅସହାୟ', 'ରାମଦାସ ତମେ ହାରିଗଲ', 'ଗୋପନକଥା', 'କୃଷ୍ଣ ଚୂଡ଼ାର ହସ', 'ଆକାଶକଇଁଆ ଚିଲିକା ମାଛ', 'ସବୁ ସରିଗଲା ପରେ', 'ଭକ୍ତ ସାଲବେଗ', 'ଖଇକଉଡ଼ି', 'ବଗୁଲୀ ଝରାଏ ଲୁହ', 'ଆ ଜହ୍ନମାମୁ ସରଦଶଶୀ', 'ଏଠି ସେଠି ସବୁଠି', 'ପୃଥ୍ୱୀରାଜ ସଂଯୁକ୍ତା', 'ଅଡୁଆ ସୂତା', 'ଆଜି ବି ଧରମା କାନ୍ଦୁଛି', 'କାରୁବାକି, କଂସା କବାଟ', 'ନିଝୁମରାତିର ସାଥୀ', 'କଣ୍ଢେଇସାଜିଛି କନିଆରାଣୀ', 'କାହାଣୀ ନୁହେଁ ଏ ନାଟକ', 'ରେବତୀ', 'ଛମାଣ ଆଠଗୁଣ୍ଠ', 'ବୁଢାଶଙ୍ଖାରୀ', 'ଗୀତ ଗୋବିନ୍ଦ', 'ମୁଠାଏ ମାଟି', 'ନର୍କରୁ ନିର୍ମାଲ୍ୟ', 'ଅନ୍ଧ ଦେଶେ ଗଲି ଦର୍ପଣ ବିକି', 'କିଏ ଯୋଡ଼ି ଦେବ ଭଙ୍ଗା ଚୁଡ଼ିକୁ', 'ଲାଲ ଟୁକୁଟୁକୁ ସାଧବ ବୋହୂ', 'ସିନ୍ଦୂର କହିବ ସ୍ୱାମୀ କାହାର', 'ଶଙ୍ଖହୁଳହୁଳି ବନ୍ଦାଣ ଥାଳି', 'ଶେଷ ଶ୍ରାବଣ' ଆଦିରେ ଅଭିନୟ କରିଛି। ବେତାର ନାଟକରେ ରହିଛି– 'ଉତ୍କଳର ବର୍ଗି', 'ଚିମିଣା', 'ଚାକିରିଆ ବୋହୂ', 'କାଳୀୟଦଳନ'। ଟିଭି ଧାରାବାହିକରେ 'ଅଧିକାର', 'କିଛିକଥା', 'ମା' ସନ୍ତୋଷୀ', 'ବସୁନ୍ଧରା', 'ପଣତକାନି', 'ବଡ଼ଘର ବଡ଼ ଗୁମରକଥା', 'ମାଉସୀ', 'ସମ୍ପର୍କ, ଭାଗ୍ୟବିଧାତା', 'ତାସ୍‌ର ଘର', 'ଦାମିନି', 'ଦେବୀ', 'ବୋହୂ', 'ଉତ୍ତରଦାୟୀ', 'ମାଟି ବୈକୁଣ୍ଠ', 'ସିଂହଦ୍ୱାର' ଆଦିରେ ଅଭିନୟ କରିଛି। ସେହିପରି ଗୀତିନାଟ୍ୟରେ– 'ସତୀ ଅନୁସୟା', 'ଚନ୍ଦ୍ରଭାଗା', 'ମହିଷାମର୍ଦ୍ଦିନୀ', 'ଗଙ୍ଗା ଅଭିଶାପ' ଆଦିରେ ଅଭିନୟ କରିସାରିଛି। ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ସବ୍ୟସାଚୀ ମହାପାତ୍ର, ଶିଶିର ମିଶ୍ର, ରଜନୀକାନ୍ତ, ବିପ୍ଳବ ରାୟଚୌଧୁରୀଙ୍କ ପ୍ରମୁଖଙ୍କ ନିର୍ଦ୍ଦେଶନାରେ ଅଭିନୟ କରିବାର ସୁଯୋଗ ମିଳିଛି। ମଞ୍ଚନାଟକ ନିର୍ଦ୍ଦେଶକ ଭାବେ ଅଜିତ ଦାସ, ଗଦାଧର ବାରିକ, ନିତ୍ୟାନନ୍ଦ ମିଶ୍ର, ବଟକୃଷ୍ଣ ଗୋସ୍ୱାମୀ, ରାମଚନ୍ଦ୍ର ପ୍ରତିହାରୀ, କ୍ଷୀରୋଦ ଚନ୍ଦ୍ର ମିଶ୍ର, ଦୁର୍ଲଭ ସିଂ, ଲାଲା ବିରେନ୍, ଜର୍ଜ ତିଆଡ଼ି, ଗୋପାଳ ଦେ ପ୍ରମୁଖଙ୍କ ନିର୍ଦ୍ଦେଶନାରେ ଅଭିନୟ କରିଛି। ଘ







**ପୁରସ୍କାର–** ଦଶ ମହାବିଦ୍ୟା ନାଚ ପାଇଁ ୧୯୭୧/୭୨/୭୪ମସିହାରେ ପୁରସ୍କୃତ, ମୃଗୟା ନାଟକ ପାଇଁ ଦିଲ୍ଲୀରୁ ୧୯୭୭ରେ, କାଳିନୃତ୍ୟ ନାଟ୍ୟ ସଂସଦ (ସଂଗୀତ ନାଟକ ଏକାଡେମୀ ତରଫରୁ ୧୯୭୭ରେ, ଆମ୍ରାଲିପି ଓ ରାଜ ନର୍ତ୍ତକୀ ପାଇଁ ପୁରସ୍କୃତ ହୋଇଛି। ଏମିତି ବିଭିନ୍ନ ସଂସ୍ଥାରୁ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିଛି। ତେବେ ଓଡ଼ିଶା ସଂଗୀତ ନାଟକ ଏକାଡେମୀରୁ ୨୦୧୨ରେ ମଧ୍ୟ ପୁରସ୍କୃତ ହୋଇଛି।

**ଶେଷରେ–** ମୁଁ ଜଣେ ଅଭିନେତ୍ରୀ। ଅଭିନୟ ହିଁ ମୋ ଜୀବନ। ମୋ ଜୀବନ ଥିବାଯାଏ ରଙ୍ଗମଞ୍ଚରେ ଅଭିନୟ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ମତେ ମିଳୁଥାଉ। ଆଉ ଗୋଟିଏ କଥା କଳା ଏକ ସାଧନା। ତେଣୁ ଯିଏ ବି ଏହାକୁ ଆପଣେଇବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ଉପଯୁକ୍ତ ତାଲିମ ନେବାର ଆବଶ୍ୟକତା ରହିଛି।

–ବନବିହାରୀ ବେହେରା

## ହଜିଯାଇଥିବା ସ୍ମୃତି.....

ମନର ଅତଳ ସାଗରେ
ହଜିଗଲାଣି
ସ୍ମୃତିର ସବୁ ମୁକ୍ତା।

ସମସ୍ତ ଗୌରବ, ସୌରଭ
ମଧୁର ମୁହୂର୍ତ୍ତ ବର୍ତ୍ତମାନ
ଆସ୍ତେ ଆସ୍ତେ
ଉଭେଇଯିବା ପ୍ରକ୍ରିୟାରେ।

ହୃଦୟରେ ସଞ୍ଚିଥିବା
ଅନେକ ସ୍ୱପ୍ନ, ପ୍ରେମ ଓ ଆବେଗ
ନୀଳ ଆକାଶର ଦିଗ୍‌ବଳୟ ପରେ
ନିଷ୍ପ୍ରଭ ଆଲୁଅ ପରି ଲୁଚିଯାଉଛନ୍ତି
ସୂର୍ଯ୍ୟାସ୍ତର ଅଥଳ ଗର୍ଭରେ।

ଭୋଗିଥିବା ସମସ୍ତ ସ୍ମୃତିକୁ
ମୁଁ ଖୋଜି ଚାଲିଛି କାହିଁ କେଉଁ କାଲୁ
କିନ୍ତୁ ହଜିବା ଜିନିଷ ପରି
କେବଳ ପାଉଛି ଅସରାଏ
ଅନ୍ଧକାର।

କେହି ଫେରେଇ ଦିଅନ୍ତା ଭଲା
ମୋ ଅଙ୍ଗେନିଭା ପୂର୍ବ ସ୍ମୃତିର
ବଗିଚାକୁ
ମାଳୀ ପରି ଅହରହ ସମର୍ପି ଦିଅନ୍ତି
ଜୀବନର ବଳକା ଆୟୁଷ
କେବଳ ତା'ଯତ୍ନରେ।

*– ରାଧାମୋହନ ପାଣିଗ୍ରାହୀ,*
*ପଦ୍ମପୁର, ରାୟଗଡ଼ା*
*ମୋ:୭୨୦୫୧୨୬୯୫୧*



## ଦେଶ

**–କୃଷ୍ଣ କୁମାର ମହାନ୍ତି**

ପାଟିଲା ପିଜୁଳିକୁ ପାଟଶାଢ଼ି ପରି ପିନ୍ଧେ ସେ
ନଅଙ୍କ ଦୁର୍ଭିକ୍ଷରୁ ପାଇଥିବା ଗୋଟେ ପେଲ୍‌ବିକ୍ ହାଡ଼ରେ
ସେ ସ୍କ୍ରବ୍ କରେ ତା ମଙ୍ଗୋଲିଆନ୍ ମୁହଁ
ନୀଳନଦୀର ଗୋଟେ ନାମହୀନ ଉପଶାଖାରେ
ଭାସି ଭାସି ଭାସ୍କୋଡାଗାମାର ଆବିଷ୍କାର ପାଖରେ ପହଂଚେ ସେ
କୌଣସି ଦେଶର ଜାତୀୟ ପତାକାକୁ ଛୁଇଁ ବହି ଆସୁଥିବା ପବନରେ
ସେ ତିଆରି କରେ ତା ପାଇଁ ତ୍ରିରଙ୍ଗା
ରେଡ଼ିୟମ୍ ରଙ୍ଗର ଗୋଟେ ଅଜବ୍ ରକ୍ତକ୍ଷରଣରୁ
ଯେଉଁ ଭୂଖଣ୍ଡର ମାଟିହୁଏ ସବୁଜ
ସେଇଠି ପଶାପାଲିରେ ଫିଙ୍ଗୁଥାଏ ସେ ବାଜି ପରେ ବାଜି।
ସବୁ ଯୁଦ୍ଧର ଶେଷ ପରିଣାମକୁ ଧରି
ଗୋଟେ ବରଫର ସ୍ମାରକୀରେ ସେ ଲଗାଏ ପୂର୍ବପୁରୁଷଙ୍କ ଫଳକ।
ମହେଞ୍ଜୋଦାରର ସ୍ନାନାଗାରରୁ ମିଳିଥିବା ତମ୍ବା କାନଫୁଲଟି
କେବେ କେବେ ତାକୁ ଶୁଣାଏ।
ସିନ୍ଧୁ ସଭ୍ୟତାର ସେ ରହସ୍ୟଗାଥା।
ବହୁ ଦୂରରୁ, ବୋଧେ ଆକାଶର ଐଶାନ୍ୟ କୋଣରୁ
ଓହ୍ଲେଇ ଆସୁଥିବା ଚନ୍ଦ୍ରମଣିଷମାନଙ୍କ ଭିତରୁ
ଭୈରବୀ ପରି ଦିଶୁଥିବା ମୂର୍ତ୍ତିଟି ହିଁ ସେ।

*– ପ୍ଲଟ୍: ଓ–୩୮୯/୩୨୦୬, ଫକୀରମୋହନ ନଗର,*
*କରଂଜିଆ, ବାଲେଶ୍ୱର–୭୫୬୦୦୧, ମୋ :୭୦୦୮୮୪୫୯୨୦*

## କମ୍ପାନ

**–ଦେବେନ୍ଦ୍ର କର**

ଆମ ହାତରେ ଶାସନ ଭାର। ମନ ହେଲେ ନିୟମ ଗଢ଼ିବୁ ମନ ହେଲେ ନିୟମ ଭାଙ୍ଗିବୁ। ଅଛି ଦମ୍ ଆମକୁ ହଟେଇ ପାରିବ ? ଶାସକ ଦଳର ନେତାଟି ଖୁବ୍ ଜୋର ଦେଇ କହିଲା। ବିରୋଧୀ ନେତାଟି ଆହୁରି ଦମ୍ଭ ସ୍ୱରରେ କହିଲା, ହଁ ଆମେ ପାରିବୁ। ଆମେ ଅପେକ୍ଷା କରିଛୁ ସମୟ ଆଉ ସୁଯୋଗକୁ। ଦରକାର ସେମିତି କିଛି ଘଟଣା, ସେ ସାଧାରଣ ହେଉ କି ଅସାଧାରଣ। ଏ ଭାରତ ବର୍ଷରେ କିଛି ବି ଅସମ୍ଭବ ନୁହେଁ। ଦୁର୍ନୀତି, ଚୋରି, ବଳାତ୍କାର, ହତ୍ୟା ଏଠି ସବୁଦିନିଆ କଥା। ଆମକୁ ସାହସ ଦେବେ ସେଇ ନିରୀହ ଜନତା। ଶାସକ ନେତାଟି ନରମ ଗଳାରେ ପ୍ରଶ୍ନ ଫେରାଇଲା କ'ଣ ସମସ୍ତଙ୍କୁ ନ୍ୟାୟ ଦେଇପାରିବ। ବିରୋଧୀ ନେତାଟି ଉତ୍ତର ଦେଲା ଧେତ୍, ନ୍ୟାୟ କଥା ଏଠି କିଏ ପଚାରେ। ଘଟଣା ଯାହା ବି ହେଉ ତାକୁ ଭିନ୍ନ ରୂପ ଦେବା ହେଲା ଆମ ମୂଳ ଉଦ୍ଦେଶ୍ୟ। ଦାରିଦ୍ର୍ୟରେ ଶତ୍ରୁଥିବା ମଣିଷ, ଏ ବେକାରି ଯୁବ ଗୋଷ୍ଠୀ ସାଜିବେ ଆମ ହାତ ବାରିସି। ମିଥ୍ୟା ପ୍ରତିଶ୍ରୁତି ଆଶ୍ୱାସନା ଦେଇ ମିଡିଆ ଆଗରେ ବାଃ ବାଃ ନେବୁ। ଗାଁ ସହର ସବୁଆଡ଼ ହେବ ଚକାବନ୍ଦ। ଚାରିଆଡ଼େ ହୁତ୍ ହୁତ୍ ହେଇ ନିଆଁ ଜଳିବ। ସାରା ଭାରତ ଦେଖିବ ଆମ ପାରିବା ପଣିଆ। ଶାସକ ନେତାଟି ବଲବଲ କରି ଚାହିଁଥାଏ। ବିରୋଧୀ ନେତାଟି ହସିଲା ହା ହା...। ଅଚାନକ୍ କେଉଁ କୋଣରୁ ପବନ ସାଙ୍ଗରେ ଭାସି ଆସିଲା ଶିଶୁ କନ୍ୟାର ଆକୁଳ ଚିତ୍କାର। ଗଗନ ପବନ କମ୍ପି ଉଠିଲା। ଚାରିଆଡ଼େ ବିରୋଧର ସ୍ୱର ଗୁଞ୍ଜରିତ ହେଲା। ନରରୂପୀ ରାକ୍ଷସଟା ଶିଶୁକନ୍ୟାକୁ ବଳାତ୍କାର ପରେ ନିଆଁରେ ପୋଡ଼ି ମାରିଛି। ଅପରାଧୀକୁ ଫାଶୀ ହେଉ ସର୍ବସମ୍ମୁଖରେ, ତାକୁ ପୋଡ଼ି ମାର, ତା' ଶିର ଛେଦନ କରି ଚିଡ଼ିଆଖାନାରେ ଫିଙ୍ଗିଦିଅ। ରାଗ କ୍ଷୋଭର ସ୍ୱର ଧୀରେ ଧୀରେ ତୀବ୍ର ହେଉଥାଏ। ବିରୋଧୀ ନେତାଟି ହସହସ ମୁହଁରେ କହିଲା, ହେଇ ଦେଖ ମୁଁ କହୁଥିଲି ଆଉ ସୁଯୋଗ ଆସି ପହଞ୍ଚିଗଲା। ସତରେ ଆମେ କେଡ଼େ ଭାଗ୍ୟବାନ। ଏବେ ତ ଖାଲି ନିଆଁରେ ଘିଅ ଢାଳିବାର ବେଳ। ଶାସକ ଦଳର ନେତା ମୁହଁରୁ ଗମଗମ ହେଇ ଝାଳ ବୋହି ଯାଉଥାଏ। ପୋଷାକପତ୍ର ବି ଝାଳରେ ଭିଜି ସାରିଲାଣି। ରୁମାଲଟା ମଥାରେ ଥାପି ଦେଇ କହି ଉଠିଲା, ଏ ସମୟ କ'ଣ ରାଜନୀତିର ? ତମ ଭିତରେ ମାନବିକତା ବୋଲି କିଛି ଅଛି ନା ନାହିଁ ? ଓଠରେ ଧାରେ ମୁରୁକୁନିଆ ହସ ଫୁଟାଇଲା ବିରୋଧୀ ନେତାଟି। ମୁଣ୍ଡରେ ଗୋଟେ ଘେରା ହାତ ଘୂରାଇ ଆଣି କଳା ମଟ୍‌ମଟ୍ ନିଶକୁ ଟିକେ ମୋଡ଼ି ଦେଲା। ଏଥର ଯୁଦ୍ଧବିଜୟୀ ରାଜାଙ୍କ ପରି ବୀରଦର୍ପରେ ପାଦ ବଢ଼େଇଲା ଆଗକୁ।

*–ମଙ୍ଗଳାବାଗ, କଟକ*
*ମୋ:୯୯୩୭୯୬୩୯୧୦*



# ଧୋରେ ବାଇଆ ଧୋ

ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ସତ ମିଛ'ରୁ ଆରମ୍ଭ ହୋଇଥିଲା ତାଙ୍କର ଓଲିଉଡ୍ କ୍ୟାରିୟର। ତା'ପରେ ସେ ନିଜକୁ ଜଣେ ଆଗଧାଡ଼ିର ହାସ୍ୟାଭିନେତା ଭାବରେ ପରିଚିତ କରାଇପାରିଥିଲେ। ହେଲେ ନିଜର କାହାଣୀ ଏବଂ ସଂଳାପକୁ ଆଧାର କରି ନିର୍ମିତ 'ରୁମ୍କୁ ଝୁମାନା'ରେ ତାଙ୍କର ଅଭିନୟ ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। ଦୀର୍ଘ ୨୩ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି। ସେ ହେଲେ ହରିହର ମହାପାତ୍ର ଓରଫ ହରି ଭାଇ। ଏବେ ସେ ନିଜର ଶତକ ସିନେମାକୁ ନେଇ ବ୍ୟସ୍ତ। ଫିଲ୍ମଟିର ଟାଇଟଲ ହେଉଛି 'ଧୋରେ ବାଇଆ ଧୋ'। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଏବଂ ହିମାଂଶୁ ପରିଜା (ଚଣ୍ଡୀ)ଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ହରି। ଏଥିରେ ମଧ୍ୟ ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରୁଛନ୍ତି ସେ। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦିବ୍ୟା। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ହରି-ଦିବ୍ୟାଙ୍କ ବ୍ୟତୀତ ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ୟକି ମିଶ୍ର, ହାଡୁ ଏବଂ ଲୀନା ମଧ୍ୟ ଏହି ଚିତ୍ରରେ ଅଭିନୟ କରୁଛନ୍ତି। ତେବେ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଥିବା 'ଧୋରେ ବାଇଆ ଧୋ' ହରିଙ୍କ ଆକ୍ଟିଂ କ୍ୟାରିୟର ପାଇଁ କେତେ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।


ହରି

# ଖୁସି ଅନ୍ତରାଳେ..


ଭୂମି ପେଡେନକରଙ୍କ ଖୁସି ଏବେ ବନ୍ଧବାଡ ମାନୁନି। ଏବେ ତାଙ୍କ ହାତରେ ଅଫର ପରେ ଅଫର। ପୁଣି ଏକାଥରେ ଦୁଇଟି ଫିଲ୍ମର ଶୁଟିଂ ସମାନ୍ତରାଳ ଭାବରେ ଆରମ୍ଭ ହେବାକୁ ଯାଉଛି। ତନ୍ମଧ୍ୟରୁ ଗୋଟିଏ ହେଲା 'ବଧାଇ ଦୋ'। ଏଥିରେ ଭୂମିଙ୍କ ନାୟକ ସାଜିଛନ୍ତି ରାଜ କୁମାର ରାଓ। ସେ ଅଭିନୟ କରୁଥିବା ଅନ୍ୟ ସିନେମାଟିର ଟାଇଟଲ ଫାଇନାଲ ହୋଇନାହିଁ, ଯେଉଁଥିରେ ଆୟୁଷ୍ମାନ ଖୁରାନା ମେଲ୍ ଲିଡ୍‌ରେ ଦେଖାଦେବେ। ଏ ସମ୍ପର୍କରେ ଭୂମି କହନ୍ତି, 'ସତ କଥା କହିବାକୁ ଗଲେ ମୋ ଉପରେ ଏବେ ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି। ଗତ ବର୍ଷ ମୁଁ ଅଭିନୟ କରିଥିବା ତିନୋଟି ଫିଲ୍ମ 'ଡଲି କିଟି ଔର ୱ ଚମକତେ ସୀତାରେଁ' ଏବଂ 'ଦୁର୍ଗାମତି' ରିଲିଜ ହୋଇଥିଲା। କିନ୍ତୁ ଫିଲ୍ମଦ୍ୱୟ ଫ୍ଲପ ହୋଇଥିଲା। ଏ ନେଇ ମୁଁ ବେଶ୍ ଅନୁତପ୍ତ। ଏଣିକି ଯେଉଁ ସିନେମାରେ ଆକ୍ଟିଂ କରିବି ତାହାର କାହାଣୀ ଏବଂ ମୋ ଭୂମିକା ପ୍ରତି ଅଧିକ ଗୁରୁତ୍ୱ ଦେବି। ଖୁବ୍ ଶୀଘ୍ର ମୁଁ ଅଭିନୟ କରୁଥିବା ଦୁଇଟି ସିନେମାର ଶୁଟିଂ ଆରମ୍ଭ ହେଉଛି। ଏଗୁଡିକ ରିଲିଜ ହେଲେ ହିଁ ତାହା ମୋ କ୍ୟାରିୟର ପ୍ରତି ଶୁଭପ୍ରଦ ସାବ୍ୟସ୍ତ ହେବ କି ନାହିଁ ତାହା ଜଣାପଡିବ।'


ଭୂମି

# ସନ୍ନି-ଅମୀଷା ହିଁ ବେଷ୍ଟ


ଥରେ ମନେ ପକାନ୍ତୁ ନା ଅନିଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା'କୁ। ଦେଶାତ୍ମବୋଧକ କାହାଣୀକୁ ନେଇ ଏହି ସିନେମାଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ବିଶେଷଭାବରେ ଏଥିରେ ସନ୍ନି ଦେଓଲ ଏବଂ ନାୟିକା ଭୂମିକାରେ ଅମୀଷା ପଟେଲଙ୍କ ନିଖୁଣ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ବର୍ତ୍ତମାନ ଅନିଲ ଏହି ଫିଲ୍ମର ସିକୁଏଲ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏପରି କି ଏହାର ମୁଖ୍ୟ ଭୂମିକାରେ କିଏ ଅଭିନୟ କରିବେ ତାହା ଆପାତତଃ ଫାଇନାଲ ହୋଇସାରିଛି ବୋଲି ଶୁଣିବାକୁ ମିଳୁଛି। ଏହି ସିକୁଏଲ୍‌ର ଲିଡ୍ ରୋଲ ପାଇଁ ସନ୍ନି ଏବଂ ଅମୀଷାଙ୍କୁ ସାଇନ୍ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଅନିଲ କହନ୍ତି, 'ଏହି ସିକୁଏଲର ମୁଖ୍ୟ ଭୂମିକା ପାଇଁ ମୋ ମତରେ କେବଳ ସନ୍ନି ଏବଂ ତାଙ୍କ ଅପୋଜିଟ୍‌ରେ ଅମୀଷା ହିଁ ଫିଟ୍। ଏବେ ଏ ନେଇ ଚିନ୍ତା କରାଯାଉଛି। ଠିକ୍ ସମୟରେ କାଷ୍ଟିଂ ବିଷୟରେ ଘୋଷଣା କରାଯିବ।' ଖାସ୍ କଥା ହେଲା ଅନିଲଙ୍କ ପୁଅ ଉତ୍କର୍ଷ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ତେବେ ଆନୁଷ୍ଠାନିକ ଭାବରେ ଏ ସମ୍ପର୍କରେ କେବେ ଘୋଷଣା କରାଯାଉଛି ତାହା ଦେଖିବାକୁ ବାକି ରହିଲା।


ସନ୍ନି-ଅମୀଷା


ଅକ୍ଷୟ

# ସେତୁ ପାଇଁ ଟେନ୍‌ସନ

ସେତୁ ବା ପୋଲ ପାଇଁ ଅକ୍ଷୟ କୁମାରଙ୍କ ଟେନ୍‌ସନ ବଢ଼ିଯାଇଛି। ପୁଣି ତାହା ଏମତି ସେମିତି ସେତୁ ନୁହେଁ 'ରାମ ସେତୁ'। ଏହାର ଡିଜାଇନ୍ ନିଜେ କରିବେ ଏବଂ କାମ କିପରି ଅଗ୍ରସର ହେଉଛି ତାହାର ଅନୁଧ୍ୟାନ କରିବେ। ତେଣୁ ସେଥିପାଇଁ ଏବେ ସେ ଦିନରାତି ଏକାଠି କରିଦେଇଛନ୍ତି। ପୁଣି ସେଥିପାଇଁ ନିଜର ମାଳଦ୍ୱୀପ ଭ୍ୟାକେସନକୁ କାଟ୍‌ଛାଣ୍ଟ କରି ସେ ସ୍ୱଦେଶ ଫେରୁଛନ୍ତି। ଅସଲ କଥା ହେଲା, ଏହି ଘଟଣାର ସଂଯୋଗ ରହିଛି ଖିଲାଡି ମାଷ୍ଟରଙ୍କ ଅଭିନୟ ଜୀବନ ସହ। ନିକଟରେ ସେ ଅଭିନୟ କରିବାକୁ ଯାଉଥିବା ଫିଲ୍ମ 'ରାମସେତୁ'ର ମହୁରତ ପବିତ୍ର ରାମ ଜନ୍ମଭୂମି ଅଯୋଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଫିଲ୍ମରେ ଅକ୍ଷୟ ଜଣେ ଆର୍କିଟେକ୍ଟ ଇଞ୍ଜିନିୟର ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଅଭିଷେକ ଶର୍ମା। ଏଥିରେ ଅକ୍ଷୟଙ୍କ ଅପୋଜିଟ୍‌ରେ ଜ୍ୟାକଲିନ୍ ଫର୍ନାଡିସ ଏବଂ ନୁସରତ ଭରୁଚା ଅଭିନୟ କରିବେ।


ଅର୍ଜୁନ

# ଇମୋଶନାଲ ଅର୍ଜୁନ

ସତରେ ଏପରି କେତେକ ପୁରୁଣା ସ୍ମୃତି ରହିଛି, ଯାହାକୁ ଯେତେ ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥାଏ। ଦେଖୁନାହାନ୍ତି, କଲେଜରେ ପାଦ ଦେଉ ଦେଉ କେମିତି ଅର୍ଜୁନ ରାମପାଲଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡି ପଡିଲା। କଥା କ'ଣ କି ଟାଇଟଲ ଫାଇନାଲ ହୋଇ ନ ଥିବା ଏକ ଫିଲ୍ମର ଶୁଟିଂ ପାଇଁ ସେ ହଂସରାଜ କଲେଜକୁ ଯାଇଥିଲେ। ଶୁଟିଂ ବ୍ରେକ ସମୟରେ ସେ ନିକଟରେ ଥିବା ଆଲମା ମାଟେର ହିନ୍ଦୁ କଲେଜକୁ ବୁଲିବାକୁ ବାହାରିଲେ। ଯେମିତି ସେ କଲେଜ ଗେଟ୍ ପାଖରେ ପହଞ୍ଚିଛନ୍ତି ତାଙ୍କର ଆଖି ଛଳଛଳ ହୋଇଯାଇଥିଲା। କାରଣ ଏହି କଲେଜରେ ସେ ଦିନେ ପାଠ ପଢ଼ି ଅର୍ଥନୀତିରେ ଅନର୍ସ ସହ ଡିଗ୍ରୀ ହାସଲ କରିଥିଲେ। କଲେଜ ପରିସରକୁ ଯାଇ ସେ ସେଠାରେ ଚାକିରି କରିଥିବା ତାଙ୍କର କେତେ ଜଣ ପୁରୁଣା ବନ୍ଧୁଙ୍କୁ ଭେଟିଥିଲେ। ତାଙ୍କ ସହ ଫଟୋ ଉଠାଇ ସେଗୁଡିକୁ ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି।

# ଘୋଡାଚଢ଼ା ମିଶନ

ଚିତ୍ରାଙ୍ଗଦା ଏବେ ଘୋଡାଚଢ଼ା ଶିଖୁଛନ୍ତି। ସ୍କୁଲରେ ପଢ଼ିଲା ଦିନରୁ ତାଙ୍କର ଆଶା ଥିଲା ଯେ ଦିନେ ନା ଦିନେ ସେ ଘୋଡ଼ା ଚଢ଼ିବେ। ହେଲେ ଗତ କିଛି ବର୍ଷ ଭିତରେ ସେ ଏ ନେଇ ଯୋଜନା କରିଥିଲେ। ହେଲେ କେତେକ କାରଣରୁ ତାହା ହୋଇପାରି ନ ଥିଲା। ପୁଣି ଏପରି ଦୁର୍ଯୋଗ ଯେ ୨୦୧୯ରେ ତାଙ୍କର ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇଥିଲା। କିନ୍ତୁ ଏବେ ଆଣ୍ଠୁ ସର୍ଜରି ପରେ ସେ ପୁଣି ଥରେ ନିଜ ଲକ୍ଷ୍ୟପଥରେ ଆଗେଇବାକୁ ଯୋଜନା କରୁଛନ୍ତି। ଏ ସମ୍ପର୍କରେ ଚିତ୍ରାଙ୍ଗଦା କହନ୍ତି, 'ଦୁଇ ବର୍ଷ ପୂର୍ବେ ମୁଁ ଘୋଡ଼ା ଚଢ଼ା ଶିଖିବାକୁ ଯୋଜନା କଲି। ହେଲେ ଦିନ କେଇଟା ଶିଖିବା ପରେ ମୋର ଜଏଣ୍ଟ ପ୍ରୋବ୍ଲେମ ବାହାରିଲା। ଏବେ ନି' ସର୍ଜରି ପରେ ମୁଁ ଫୁଲ୍ ଫିଟ୍। କିଛି ସପ୍ତାହ ଏକ୍ସରସାଇଜ କରିବା ପରେ ହର୍ଷ ରାଇଡିଂ ପାଇଁ ସଜାବାଜ ହେଉଛି। ଏ ନେଇ ମୋର ଟ୍ରେନରଙ୍କ ଟିପ୍ସ ମୋ ପାଇଁ ବେଶ୍ ସହାୟକ ହେଉଛି। ବାକି ରହିଲା ମୋ ଆକ୍ଟିଂ କ୍ୟାରିୟର କଥା। ନିକଟରେ ମୋତେ କେତୋଟି ଅଫର ମିଳିଥିଲା। ହେଲେ ସେଥିରେ ଭୂମିକା ପସନ୍ଦ ନ ହେବାରୁ ମନା କରିଦେଇଥିଲି।' ତେବେ ଚିତ୍ରାଙ୍ଗଦାଙ୍କ ଘୋଡ଼ାଚଢ଼ା ମିଶନ କେତେ ସକ୍‌ସେସ ହେଉଛି ତାହା ଆଗାମୀ ସମୟ ହିଁ କହିବ।


ଚିତ୍ରାଙ୍ଗଦା

# ବାଙ୍କ ଚାହାଣିକୁ ତେରଛା ହସ, ତହିଁରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**–ଜଣେ ସୁନ୍ଦରୀର ବାଙ୍କ ଚାହାଣିରେ ମୁଁ ଫୁଲ୍ ଘାଇଲା । ହେଲେ ସେ ମୋ ପ୍ରେମ ନିବେଦନକୁ ଗ୍ରହଣ କରିବ ତ ?

*–ପ୍ରତାପ ଦାସ, ବ୍ରହ୍ମପୁର*

**ଉତ୍ତର :** ସେହି ସୁନ୍ଦରୀର ତେରଛା ହସରେ ଆପଣ ବୋଧହୁଏ କ୍ଲିନ୍ ବୋଲ୍ଡ । ଏମିତି କି ତା' ମନ ଭିତରେ ଜାଗାଟିଏ ବି ଖୋଜି ସାରିଲେଣି । ହେଲେ ଏତିକି ଅସୁବିଧା ଯେ ତାକୁ ନିଜ ମନର କଥା ଏଯାଏ କହିନାହାନ୍ତି । ଏପରି କ୍ଷେତ୍ରରେ ଯେତେ ବିଳମ୍ବ କରିବେ ଚାନ୍ସ ହାତରୁ ଖସି ଯାଇପାରେ । କାରଣ 'ବାଙ୍କ ଚାହାଣୀକୁ ତେରଛା ହସ, ତହିଁରୁ ଝରୁଛି ପ୍ରେମର ରସ' । ମଗଜ ଖଟାଇ ସେହି ସୁନ୍ଦରୀ ମନକୁ ଭଲ ଭାବରେ ତର୍ଜମା କରନ୍ତୁ । ବେଳକାଳ ଦେଖି ମନର କଥାକୁ ଆଉ ମନ ଭିତରେ ଚାପି ନ ରଖି ତା' ସାମନାରେ ପ୍ରକାଶ କରନ୍ତୁ । ହୁଏତ ଏକାଥରେ ଆପଣ ବାଜି ମାରିନେଇ ପାରନ୍ତି !

**ପ୍ରଶ୍ନ**–କେତେକେ କହନ୍ତି–'ଯେଉଁ ଝିଅ ହସି ଦେଲା ସେ ଫସିଗଲା' । ହେଲେ ତିନି ଜଣ ଝିଅଙ୍କ ହସରେ ମୁଁ ଫସି ପରେ ଧୋକା ଖାଇଛି । ମୋ କ୍ଷେତ୍ରରେ ଏପରି କାହିଁକି ହେଉଛି କହିବେ କି ସାଥୀ ?

*–ସନାତନ ରାଉତ, ସୁନାବେଡା, କୋରାପୁଟ*

**ଉତ୍ତର :** ସବୁ ହସରେ ପ୍ରେମ ଲୁଚି ରହି ନ ଥାଏ । 'ପ୍ରେମିକାର ହସ : କେତେବେଳେ ମିଠା ଲାଗେ ପୁଣି କେତେବେଳେ ବିଷ' । ତେଣୁ ସେ ହସ ମାୟାରେ ବାୟା ହେବା ପୂର୍ବରୁ ଭଲ ଭାବରେ ଚିନ୍ତା କରି ପାଦ ପକାନ୍ତୁ । ନ ହେଲେ ଧୋକା ତାଲିକାରେ ପ୍ରେମିକାଙ୍କ ନମ୍ବର ଏମିତି ବୁଢ଼ିଆଣୀ ସୂତା ପରି ଲମ୍ବି ଲମ୍ବି ଚାଲିବ ।

**ପ୍ରଶ୍ନ**–କାହାର ଇସାରାରେ ମୁଁ ପାଗଳ ହୋଇଯାଇଛି । ହେଲେ ମୋ ମନର ମାନସୀ କେଉଁଠି ଅଛି ମୁଁ ଜାଣିନି । ତାକୁ କେମିତି ପାଇବି ?

*–ବିନୋଦ, କଳାହାଣ୍ଡି*

**ଉତ୍ତର :** ସାଥୀ ଯାହା ଅନୁମାନ କରୁଛି ଆପଣ ସପନ ରାଇଜରେ ମତୁଆଲା ହୋଇ ଘୂରି ବୁଲୁଛନ୍ତି । ଅର୍ଥାତ୍, 'ତେରଛା ଇସାରା ଘାଇଲା କଲା, ତା' ପାଇଁ ମୋ ମନ ପାଗଳ ହେଲା' । ସେହି ଅବାସ୍ତବ ଦୁନିଆରେ ଆଉ ନ ବୁଲି ବାସ୍ତବ ଦୁନିଆକୁ ଆସନ୍ତୁ । ମନଲାଖି ପ୍ରେମିକାଟିଏ ଖୋଜନ୍ତୁ । ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କ ମନର ମାନସୀ ହାତ ପାଆନ୍ତାରେ ମିଳି ଯାଇପାରେ ।

**ପ୍ରଶ୍ନ**–ମୋ ପ୍ରେମିକା ଏବେ ମୋତେ ସବୁବେଳେ ଅବିଶ୍ୱାସ ନଜରରେ ଦେଖୁଛି । ତା' ମନରେ କିପରି ବିଶ୍ୱାସ ସୃଷ୍ଟି କରିବି ଜାଣିପାରୁନାହିଁ ।

*–ପୁନୀତ, ପୁରୀ*

**ଉତ୍ତର :** ପ୍ରେମ ରାସ୍ତାର ଅଧା ବାଟରେ ଯଦି ଅବିଶ୍ୱାସର ଭାଇରସ ଏଣ୍ଟ୍ରି କରେ ତେବେ ତାହା ଭବିଷ୍ୟତରେ ଭୟଙ୍କର ଆକାର ଧାରଣ କରିଥାଏ । ତେବେ କ'ଣ ପାଇଁ ପ୍ରେମିକା ମନରେ ଅବିଶ୍ୱାସ ସୃଷ୍ଟି ହେଲା ତାହା ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ । ହୁଏତ ଆପଣଙ୍କୁ ନେଇ ତା' ମନରେ କିଛି ଭ୍ରମ ନିଜର କାୟା ବିସ୍ତାର କରିଚାଲିଛି । ତେଣୁ ଅବସ୍ଥା ଆହୁରି ସଙ୍ଗିନ ହେବା ପୂର୍ବରୁ ତାହାର କାରଣ ଜାଣି ସମାଧାନ କରନ୍ତୁ । ନ ହେଲେ ଆପଣଙ୍କ ପ୍ରେମର ମିନାର ଦେଖୁ ଦେଖୁ ଭୁଶୁଡି ପଡ଼ିବ ।

**ପ୍ରଶ୍ନ**–ମୋ ପ୍ରେମିକାକୁ ଥରେ ଲଭ୍ ଲେଟର ଦେଲି । ହେଲେ ସେ ତାହାର ଉତ୍ତର ଏଯାଏ ଦେଉନି । କାହିଁକି ?

*–ଆଶୁତୋଷ ରାଉତ, କେନ୍ଦ୍ରାପଡ଼ା*

**ଉତ୍ତର :** ଯାହାକୁ ଲଭ୍ ଲେଟର ଦେଲେ ସେ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛି ତ ? ଆପଣଙ୍କ ପ୍ରଶ୍ନକୁ ତର୍ଜମା କଲେ ଯାହା ଲାଗୁଛି ଦୁହିଁଙ୍କ ପ୍ରେମରେ କେଉଁଠି କେଁ ରହିଯାଇଛି । ଆପଣଙ୍କ ଲଭ୍ ଲେଟର୍‌ର ଉତ୍ତର ପାଇବା ପୂର୍ବରୁ ସେହି ସୁନ୍ଦରୀର ମାନସିକତାକୁ ଭଲ ଭାବରେ ଷ୍ଟଡି କରନ୍ତୁ । ସେ ଆପଣଙ୍କୁ ପ୍ରକୃତରେ ଭଲ ପାଉଛି କି ନାହିଁ ତାହା ଜାଣିବା ଦରକାର । ନ ହେଲେ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଆପଣଙ୍କ ପାଇଁ ଶୁଭପ୍ରଦ ହେବ ।




## ପ୍ରଥମ ରୋଜଗାର



ସାହିତ୍ୟିକ **ପାର୍ଥସାରଥି ରାଉତ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କାରେ ମନଭରି ଖାଇଥିଲି

**କେ**ନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍ ଅନ୍ତର୍ଗତ ଶାଳିଅଞ୍ଚ ଗାଁରେ ମୋ ଜନ୍ମ । ଜଗମୋହନ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ସାଲେପୁର କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଥିଲି । ତା'ପରେ ତିର୍ତ୍ତୋଲ କଲେଜରୁ ଭୂତତ୍ତ୍ୱ ବିଜ୍ଞାନ ସମ୍ମାନରେ ଯୁକ୍ତ ତିନି ପାସ୍ କରି ସାରିବା ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପି.ଜି. କଲି । ଏହାପରେ ଦୁଇବର୍ଷ ବିଭିନ୍ନ ଧନ୍ଦାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲି । ଆଉ ତା'ରି ଭିତରେ ହିଁ ମୋତେ ବଳଦେବ ଜିଉ କଲେଜ ଅଫ୍ ଏଜୁକେଶନରେ ଅଧ୍ୟାପକ ଭାବେ ଚାକିରି ମିଳିଗଲା । ସେତେବେଳେ ଏହି କଲେଜଟି ମ୍ୟାନେଜ୍‌ମେଣ୍ଟ ଦ୍ୱାରା ପରିଚାଳିତ ହେଉଥିଲା । ଦରମା ବି ବେଶି ନ ଥିଲା । ମାତ୍ର ଦୁଇ ହଜାର ଟଙ୍କା ଥିଲା ମୋ ଦରମା, ସେ ପୁଣି କ୍ୟାଶ୍‌ରେ ମିଳୁଥିଲା । ତେବେ ମୁଁ ଏକା ନ ଥିଲି, ଉକ୍ତ କଲେଜରେ ଚାକିରି କରୁଥିବା ଅନ୍ୟ ନଅଜଣ ଅଧ୍ୟାପକ ଓ ଅଧ୍ୟାପିକା ବି ସେ ଥରକ ନୂଆକରି ଦରମା ପାଇଥିଲେ । ତେଣୁ ସମସ୍ତେ ମିଶି ପ୍ଲାନିଂ କଲୁ ଦରମା ଟଙ୍କାରେ ଆଗେ ପେଟ ଭରିକି ଖାଇବୁ । ଯେହେତୁ ଦରମା ମିଳିଲା ବେଳକୁ ଅପରାହ୍ନ ୪.୩୦ ହୋଇଯାଇଥିଲା, ତେଣୁ କଲେଜ ପାଖ ଏକ ଟିଫିନ୍ ସେଣ୍ଟରକୁ ଯାଇ ମନଭରି ଆମେ ବରା, ସିଙ୍ଗଡ଼ା, ଛେନାପୋଡ଼ ଆଦି ଖାଇଥିଲୁ । ସମସ୍ତେ ଏକାଠି ଖାଇଥିଲେ ହେଁ ସେଦିନ ଜଣେ ଯେହେତୁ ସମସ୍ତଙ୍କର ପଇସା ଦେଇ ଦେଇଥିଲେ, ତେଣୁ ଆମର ନିଷ୍ପତ୍ତି ହେଲା, ଏମିତି ଦଶଦିନ ଯାକ ପାଳିକରି ଜଣେ ଜଣେ ପଇସା ଦେବେ ଆଉ ସମସ୍ତେ ଏମିତି ଏକାଠି ଟିଫିନ୍ କରିବେ । ସେୟା ହିଁ ହେଲା, ଦଶଦିନ ଏମିତି ଖୁସିରେ ବିତିଗଲା । ଅବଶ୍ୟ ତାରି ଭିତରେ ଆମେ ଗୋଟେଦିନ ସମସ୍ତେ ସାଙ୍ଗହୋଇ ସିନେମା ଦେଖିବାକୁ ମଧ୍ୟ ଯାଇଥିଲୁ । ଏହାପରେ ମୁଁ ଘରକୁ ଯେବେ ଛୁଟିରେ ଗଲି ବାପାଙ୍କ ହାତରେ ହଜାରେ ଟଙ୍କା ଦେଇଥିଲି ; ସେଦିନ ବାପା ବହୁତ ଖୁସି ହୋଇଥିଲେ । ହେଲେ ବାପା ଯେହେତୁ ଶିକ୍ଷକତା କରୁଥିଲେ ଆଉ ପରିବାର ସମ୍ଭାଳୁଥିଲେ, ତେଣୁ ସେ ଜାଣିପାରିଥିଲେ ମାତ୍ର ଦୁଇ ହଜାର ଟଙ୍କା ଦରମା ପାଇ ବାହାରେ ଚଳିବା କେତେ କଷ୍ଟ । ସେଥିପାଇଁ ଘରୁ ଫେରିଲା ବେଳକୁ ମୁଁ ଦେଇଥିବା ହଜାରେ ଟଙ୍କାରେ ଆଉ କିଛି ଟଙ୍କା ମିଶାଇ ସେ ମୋ ହାତରେ ଧରାଇ ଦେଇଥିଲେ । ଉକ୍ତ କଲେଜରେ ଦୁଇବର୍ଷ ଅଧ୍ୟାପନା କରିବା ପରେ ଚାକିରି ଛାଡ଼ିଦେଲି । ଯେହେତୁ ଧନ୍ଦାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ମୋର ଜାରି ରହିଥିଲା ଆଉ କେତେଥର ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇସାରିଥିଲି, ତେଣୁ ପିଲାମାନଙ୍କୁ କମ୍ପିଟେଟିଭ୍ କୋଚିଂ ଦେବା ପାଇଁ ଭୁବନେଶ୍ୱର ଚାଲି ଆସିଲି । ବେଶ୍ କିଛିଦିନ ଏହି କ୍ଷେତ୍ରରେ କାମ କରିବା ପରେ ସାହିତ୍ୟ ସାଧନା ପ୍ରତି ମୋର ଆବେଗ ଖୁବ୍ ବଢ଼ି ଯାଇଥିଲା । ତେବେ ସ୍କୁଲ୍, କଲେଜବେଳେ ମୁଁ ଗପ, କବିତା ବହୁତ ପଢୁଥିଲି । କ୍ରମେ ନିଜେ ଲେଖିବାକୁ ମଧ୍ୟ ଆରମ୍ଭ କଲି । ଯୁକ୍ତ ଦୁଇରେ ପଢ଼ିଲାବେଳେ ମୋର ଏକ କବିତା ପ୍ରଥମ କରି ଖବରକାଗଜରେ ପ୍ରକାଶ ପାଇଲା । ବାସ୍ ତା'ପରଠୁ ମୁଁ ଗୋଟେ ପରେ ଗୋଟେ କବିତା, ଗପ ଓ ଉପନ୍ୟାସ ଲେଖିଚାଲିଲି । ୟା'ଭିତରେ ମୁଁ ପ୍ରାୟ ୬୦/୭୦ଟି କବିତା ଲେଖିସାରିଲିଣି ; ତନ୍ମଧ୍ୟରୁ ପ୍ରାୟ ୨୦ଟି କବିତା ବିଭିନ୍ନ ଖବରକାଗଜ ଓ ମାଗାଜିନ୍‌ରେ ପ୍ରକାଶିତ ହୋଇସାରିଲାଣି । ସେହିପରି ମୋ ଲିଖିତ ପ୍ରାୟ ୬୫ଟି ପ୍ରକାଶିତ ଗପକୁ ନେଇ 'ରୁଟି' ନାମକ ଏକ ଗଳ୍ପ ସଂକଳନ ମଧ୍ୟ ମୋର ପ୍ରକାଶ ପାଇସାରିଲାଣି । ଅନ୍ୟପକ୍ଷେ ମୋର ଏକ ଉପନ୍ୟାସ ପୁସ୍ତକ 'ଶିଢ଼ି' ବି ପ୍ରକାଶିତ ହୋଇସାରିଲାଣି । ତେବେ ମୋ ଲେଖାଗୁଡ଼ିକ ମୁଖ୍ୟତଃ ପ୍ରାକୃତିକ ସୌନ୍ଦର୍ଯ୍ୟ, ଜୀବନରେ ସଂଘର୍ଷ, ବାସ୍ତବତା ତଥା ପ୍ରେମ ଉପରେ ପର୍ଯ୍ୟବସିତ ହୋଇଥାଏ । କେବଳ ଗପ, କବିତା, ଉପନ୍ୟାସ ନୁହେଁ, ଭୂତତ୍ତ୍ୱ ବିଜ୍ଞାନ ସମ୍ବନ୍ଧୀୟ ମୋର ଅନେକ ଲେଖା ମଧ୍ୟ ବିଭିନ୍ନ ଜର୍ନାଲ୍‌ରେ ପ୍ରକାଶିତ ହୋଇ ମୋତେ ବହୁ ପାଠକୀୟ ପ୍ରଶଂସା ମିଳିସାରିଲାଣି ।



# ଦାମୀ ସନ୍‌ଗ୍ଲାସ୍




**ଚପର୍ଡ ଡି ରିଗୋ ଭିଜନ୍–** ସବୁଠାରୁ ଦାମୀ ସନ୍‌ଗ୍ଲାସ୍ ଭାବେ ସ୍ୱିସ୍ ଲକଜ୍ୟୁରି ୱାଚ୍ ମେକର୍ ଓ ଜୁଏଲର୍ ଚପର୍ଡଙ୍କ 'ଚପର୍ଡ ଡି ରିଗୋ ଭିଜନ୍' ସନ୍‌ଗ୍ଲାସ୍ ପରିଚିତ। ଏହାର ମୂଲ୍ୟ ହେଉଛି ୪୦୮,୦୦୦ଡଲାର। ଏହି ସନ୍‌ଗ୍ଲାସ୍‌ର ଫ୍ରେମ୍ ୬୦ ଗ୍ରାମ୍‌ର ୨୪ କ୍ୟାରେଟ୍ ସୁନାରେ ତିଆରି ହେବା ସହ ଏହାର ଆର୍ମରେ ବ୍ୟବହାର ହୋଇଛି ଡଟେଡ୍ ଗୋଲ୍ଡ। ଏହାବାଦ୍ ୫୧ଟି ଫୁଲ୍ କଟ୍ ରିଭର୍ ଡାଇମଣ୍ଡର ଏକ ସୁନ୍ଦର ଡିଜାଇନ୍ ଭିତରେ ରହିଛି କମ୍ପାନୀର ସିଗ୍‌ନେଚର୍।

**ଡୋଲ୍ସ ଆଣ୍ଡ ଗବାନା ଡିଜି୨୦୨୭ବି–** ଦାମୀ ସନ୍‌ଗ୍ଲାସ୍ ଭିତରେ ଡୋଲ୍ସ ଆଣ୍ଡ ଗବାନା ବ୍ରାଣ୍ଡ କେମିତି ବା ନ ରହିବ। ଏହି ସନ୍‌ଗ୍ଲାସ୍‌ର ମୂଲ୍ୟ ହେଉଛି ୩୮୩, ୬୦୯ ଡଲାର। ଏଥିରେ ବ୍ରାଉନ୍ ଟିଣ୍ଟେଡ ଲେନ୍ସ, ସୁନାର ରିମ୍ ସହ ଆର୍ମରେ ହୀରାରେ ଲେଖାଯାଇଛି କମ୍ପାନୀର ନାମ।

**ସିଲ୍‌ସ ଜୁଏଲର୍ସ ଏମେରାଲ୍ଡ–** ସିଲ୍‌ସ ଜୁଏଲର୍ସ କମ୍ପାନୀର ଏମେରାଲ୍ଡ ସନଗ୍ଲାସ୍‌ର ସ୍ୱତନ୍ତ୍ରତା ହେଉଛି ତା'ର ଇମେରାଲ୍ଡର ଲେନ୍ସ। ଏହି ଲେନ୍ସ ତିଆରି କରିବା ପାଇଁ କମ୍ପାନୀକୁ ୫ ବର୍ଷ ଲାଗିଯାଇଥିଲା। କାରଣ ଏମେରାଲ୍ଡକୁ କଟ୍, ପଲିଶ୍ ଓ ଶେପ୍ ଦେବା ଥିଲା ସମୟସାପେକ୍ଷ। ଏହାବାଦ୍ ଏହାର ଫ୍ରେମ୍ ଖାଣ୍ଟି ସୁନାରେ ତିଆରି ଏବଂ ଏଥିରେ ହୀରା ଖଚିତ ହୋଇଛି। ତେଣୁ ଏହାର ମୂଲ୍ୟ ୨୦୦,୦୦୦ଡଲାର।

**କାର୍ଟିୟର୍ ପାନ୍ଥର–** କାର୍ଟିୟର୍ ଏକ ଲକ୍‌ଜ୍ୟୁରିୟସ୍ ଫ୍ୟାଶନ୍ ବ୍ରାଣ୍ଡ । ପାନ୍ଥର ସନ୍‌ଗ୍ଲାସ୍‌ର ନାମ ପଛର କାରଣ ହେଉଛି ଏହାର ଫ୍ରେମ୍‌ରେ ଲାଗିଥିବା ୧୮ କ୍ୟାରେଟ୍ ହ୍ୱାଇଟ୍ ଗୋଲ୍ଡରେ ତିଆରି ପାନ୍ଥରର ଛୋଟ ମୂର୍ତ୍ତି। ଏହାସହ ଏଥିରେ ୫୬୧ଟି ହୀରା, ୬୪୫ଟି ବ୍ଲୁ ସାଫାୟର୍ ବି ଖଚିତ ହୋଇଛି। ଏହାର ଡିଜାଇନ୍ ବହୁତ ଆକର୍ଷକ ଓ ମୂଲ୍ୟ ରହିଛି ୧୫୯,୦୦୦ଡଲାର।

**କ୍ଲିକ୍ ଗୋଲ୍ଡ ୧୮ କ୍ୟାରେଟ୍ ଗୋଲ୍ଡ ସ୍ପୋର୍ଟ–** କ୍ଲିକ୍ ଗୋଲ୍ଡ କମ୍ପାନୀ ଦାମୀ ରିଡିଂ ଗ୍ଲାସ୍ ତିଆରି ପାଇଁ ପରିଚିତ। ଏବେ ଏହା ଦାମୀ ସନ୍‌ଗ୍ଲାସ୍ ବି ତିଆରି କରୁଛି। ଏହାର ଲେନ୍ସ ବ୍ୟତୀତ ସବୁକିଛି ସୁନାରେ ତିଆରି। ଲେନ୍ସର ପଛଭାଗରେ କାର୍ଲ ଜିସ୍ ସୁପର୍ ଇଟି ଆଣ୍ଟି ରିଫ୍ଲେକ୍ଟିଭ୍ କୋଟ୍ ଦିଆଯାଇଛି। ଏହି ଚଷମାର ଫ୍ରେମ୍ ଡିଜାଇନ୍ ୟୁନିକ। ଏହାର ବ୍ରିଜ୍‌ରେ ମାଗ୍ନେଟିକ୍ ଫ୍ରଣ୍ଟ କନେକ୍ସନ୍ ସିଷ୍ଟମ୍ ରହିଛି। ଚାହିଁଲେ ଏହି କନେକ୍ସନ୍‌କୁ ଅଲଗା କରିହେବ। ଏହାର ମୂଲ୍ୟ ୭୫,୦୦୦ ଡଲାର।

**ଲକ୍‌ଜ୍ୟୁରିଏଟର୍ ଷ୍ଟାଇଲ୍ ୨୩ କାନାରୀ ଡାଇମଣ୍ଡ–** ଲସ୍‌ଏଞ୍ଜେଲ୍‌ସର ଜୁଏଲେରି ମାନୁଫାକ୍ଚରିଂ କମ୍ପାନୀ 'ଜୁଏଲେରି ବାଏ ଫ୍ରାଙ୍କୋ' ତିଆରି କରିଛନ୍ତି ଷ୍ଟାଇଲ୍ ୨୩ ନାମକ ଏହି ଦାମୀ ସନ୍‌ଗ୍ଲାସ୍। ଏଥିରେ ୧୮ କ୍ୟାରେଟ୍ ଗୋଲ୍ଡର ଫ୍ରେମ୍ ସହ ୧୩୨ଟି ହୀରା ଖଚିତ ହୋଇଛି। ଏଥିରେ ଫଟୋକ୍ରୋମିକ୍ ଲେନ୍ସ ବ୍ୟବହାର ହୋଇଛି, ଯାହାକି ବାହାର ଆଲୋକର ଔଜଲ୍ୟତା ଅନୁସାରେ ତା'ର ଟିଣ୍ଟ ବଦଳାଇଥାଏ। ଏହାର ମୂଲ୍ୟ ୬୫,୦୦୦ ଡଲାର।

**ମେବାକ୍ ଦି ଡିପ୍ଲୋମାଟ୍ ୱାନ୍–** ମେବାକ୍ ଜର୍ମାନୀର ଏକ ଲକଜ୍ୟୁରିୟସ୍ କାର୍ ବ୍ରାଣ୍ଡ। ଉକ୍ତ କମ୍ପାନୀ ସନ୍‌ଗ୍ଲାସ୍ ଇଣ୍ଡଷ୍ଟ୍ରିରେ ବି ପାଦ ଥାପିଛି। ଏହାର ଲକ୍‌ଜ୍ୟୁରିୟସ୍ ସନ୍‌ଗ୍ଲାସ୍‌ର ନାଁ ହେଉଛି 'ଦି ଡିପ୍ଲୋମାଟ୍ ୱାନ୍'। ସୁନ୍ଦର ଡିଜାଇନ୍ ହୋଇଥିବା ଏହି ସନ୍‌ଗ୍ଲାସ୍ ୧୮ କ୍ୟାରେଟ୍ ସୁନାରେ ତିଆରି। ଏଥିରେ ୧୭୪ଟି ହ୍ୟାଣ୍ଡ କ୍ରାଫ୍ଟେଡ୍ ହୀରା ବି ଖଚିତ ହୋଇଛି। ଏହାର ମୂଲ୍ୟ ରହିଛି ୬୦,୦୦୦ଡଲାର।

**ବୁଲଗାରିଆ ଫ୍ଲୋରା–** ବୁଲଗାରିଆ ହେଉଛି ଏକ ଇଟାଲିଆନ୍ ଲକ୍‌ଜ୍ୟୁରି ବ୍ରାଣ୍ଡ। ଏହି ବ୍ରାଣ୍ଡର ସନ୍‌ଗ୍ଲାସ୍‌ର ଚାହିଦା ବହୁତ ରହିଛି। ବୁଲ୍‌ଗାରିଆ ସନ୍‌ଗ୍ଲାସ୍‌ର ଆର୍ମରେ ହୋଇଥିବା ହୀରା ଓ ବ୍ଲୁ ସାଫାୟର୍‌ର ଫ୍ଲୋରାଲ୍ ଡିଜାଇନ୍ ଏହାକୁ ଖାସ୍ କରିଥାଏ। ଆଉ ଏହା ବେଶ୍ ଷ୍ଟନିଂ ଓ କ୍ଲାସି ଲାଗିଥାଏ। ଏହାର ଫ୍ରେମ୍ ୧୮ କ୍ୟାରେଟ୍ ହ୍ୱାଇଟ୍ ଗୋଲ୍ଡରେ ତିଆରି। ଏହାର ମୂଲ୍ୟ ୫୯,୦୦୦ ଡଲାର।

**ଗୋଲ୍ଡ ଆଣ୍ଡ ଉଡ୍ ୨୫୩ ଡାଇମଣ୍ଡ–** ଏହି ସନ୍‌ଗ୍ଲାସ୍‌ର ଫ୍ରେମ୍‌ରେ ୨୫୩ଟି ହୀରା ଖଚିତ ହୋଇଛି। ସେଥିରୁ ୨୨ଟି ହେଉଛି ପ୍ରିନ୍ସେସ୍ କଟ୍ ଡାଇମଣ୍ଡ। ଏହାର ମୂଲ୍ୟ ହେଉଛି ୫୫,୦୦୦ ଡଲାର।

**ବେଣ୍ଟଲି ପ୍ଲାଟିନମ୍–** ନାମରୁ ହିଁ ଜାଣି ହେଉଛି ଯେ, ଉକ୍ତ ସନ୍‌ଗ୍ଲାସ୍ ପ୍ଲାଟିନମ୍‌ରେ ତିଆରି। ଫ୍ରେମ୍‌ରେ ହୋଇଛି ସୋଫିଷ୍ଟିକେଟେଡ୍ ଡିଜାଇନ୍। ଏହାର ମୂଲ୍ୟ ହେଉଛି ୪୫,୨୭୬ ଡଲାର।

ବିନା ସନ୍‌ଗ୍ଲାସ୍‌ରେ ଖରାଦିନ କଥା ଭାବି ହୁଏନା। ଏହା ଯେ କେବଳ ଉତ୍ତାପରୁ ଆଖିକୁ ଆରାମ ଦିଏ ତାହା ନୁହେଁ ଲୁକ୍‌କୁ ଷ୍ଟାଇଲିଶ୍ ବି କରାଏ। ତେବେ କିଛି ସନ୍‌ଗ୍ଲାସ୍ ଅଛି ଯାହାକୁ କେବଳ ଦେଖିବା ସାର। କାରଣ ସେସବୁର ମୂଲ୍ୟ ଆକାଶଛୁଆଁ...













# ମଡେଲ୍ ମିରର୍



ଦୀପ୍ତି ଦୁର୍ଗା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ରୁଟି
ବାପା ପୁଅକୁ- ଯେତେବେଳେ ଦେଖ ଫେସ୍‌ବୁକ୍ ଦେଖୁଛୁ। ଇଏ କ'ଣ ତତେ ରୁଟି ଦେବ ?
ପୁଅ- ରୁଟି ଦେବନି। ହେଲେ ଏଇଠୁ ପରା ରୁଟି ବନେଇବା ବାଲି ମିଳିବ।


### ଈର୍ଷା
ବାପା ପୁଅକୁ- ତୋର ଏତେ ସାହସ, ତୁ ତୋ ମା' ସହ ଉଚ୍ଚସ୍ୱରରେ କଥା କହିଲୁ।
ପୁଅ- ମୁଁ ଜାଣିଛି ବାପା ତମର ଈର୍ଷା ହଉଛି।
ବାପା- ଈର୍ଷା କାହିଁକି ହେବ ?
ପୁଅ- କାହିଁକି ନା ତମେ କେବେବି ଏମିତି କରିପାରିବନି।

### ଗିଫ୍ଟ
ମା' ପିଲାମାନଙ୍କୁ- ଯିଏ ମୋର ସବୁକଥା ମାନିବ ଓ ଓଲ୍ଟା ଜବାବ ନ ଦେବ, ତାକୁ ମୁଁ ଭଲ ଭଲ ଗିଫ୍ଟ ଦେବି।
ପିଲାମାନେ- ଏମିତି ହେଲେ ତ ସବୁ ଗିଫ୍ଟ ବାପାଙ୍କୁ ମିଳିଯିବ।


# ପ୍ରାଚୀନତମ ଦୁର୍ଗ
# ମେହରାନଗଡ଼







**ରାଜସ୍ଥାନର ଯୋଧପୁର ସହରରେ ଅବସ୍ଥିତ ଏକ ଲୋକପ୍ରିୟ ଦୁର୍ଗ ହେଉଛି ମେହରାନଗଡ଼। ଏହା ଭାରତର ପ୍ରାଚୀନତମ ଦୁର୍ଗଗୁଡ଼ିକ ମଧ୍ୟରୁ ଅନ୍ୟତମ। ତା'ଛଡ଼ା ଏହା ଭାରତର ସମୃଦ୍ଧିଶାଳୀ ଅତୀତର ଏକ ପ୍ରତୀକ ଭାବେ ମଧ୍ୟ ଦଣ୍ଡାୟମାନ...**



ମେହରାନଗଡ଼ ରାଜସ୍ଥାନର ଯୋଧପୁର ସହରରେ ଅବସ୍ଥିତ ଏକ ବଡ଼ ତଥା ପ୍ରସିଦ୍ଧ ଦୁର୍ଗ। ସୂଚନାନୁଯାୟୀ, ରାଜା ରାଓ ଯୋଧାଙ୍କ ଦ୍ୱାରା ୧୪୫୯ ଖ୍ରୀଷ୍ଟାବ୍ଦରେ ଏହି ଦୁର୍ଗଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଯୋଧପୁର ସହରର ଭୂପୃଷ୍ଠରୁ ପ୍ରାୟ ୪୧୦ ଫୁଟ ଉଚ୍ଚତାରେ ଏକ ପାହାଡ଼ ଉପରେ ନିର୍ମିତ ଏହି ଦୁର୍ଗଟିକୁ ଚତୁଃପାର୍ଶ୍ୱରୁ ଘେରି ରହିଛି ଶକ୍ତ ପଥରର କାନ୍ଥ ତଥା ଉଚ୍ଚ ଉଚ୍ଚ ଚାରୋଟି ଦ୍ୱାର। ତା'ଛଡ଼ା ଆକର୍ଷଣୀୟ କାରୁକାର୍ଯ୍ୟରେ ଭରା ଏହି ଦୁର୍ଗ ମଧ୍ୟରେ ପର୍ଯ୍ୟଟକ ଏକାଧିକ ଭବ୍ୟ ମହଲ ଯେମିତିକି ମୋତି ମହଲ, ଫୁଲ ମହଲ, ଶୀଶ୍ ମହଲ ତଥା ଅଦ୍ଭୁତ କାରୁକାର୍ଯ୍ୟରେ ଭରା ଝରକା ଓ କବାଟ ଏପରିକି ଅନେକ ବାସ୍ତୁକଳାକୁ ଦେଖିବାର ମଧ୍ୟ ସୁଯୋଗ ପାଇପାରିବେ। ଖାସ୍ ସେଥିପାଇଁ ବର୍ଷର ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### ଦୁର୍ଗକୁ ନେଇ ଇତିହାସ

ରାଜା ରାଓ ଯୋଧା ଥିଲେ ଯୋଧପୁରର ରାଜା ରଣମଲଙ୍କର ୨୪ ସନ୍ତାନଙ୍କ ମଧ୍ୟରୁ ଜଣେ। ତା'ଛଡ଼ା ଯୋଧପୁରର ପନ୍ଦରତମ ରାଜା ଭାବେ ବି ସେ ଶାସନଭାର ସମ୍ଭାଳିଥିଲେ। ତେବେ ଶାସନଭାର ହାତକୁ ନେବାର ମାତ୍ର ବର୍ଷେ ପରେ ରାଜା ରାଓ ଯୋଧା ହୃଦୟଙ୍ଗମ କଲେ ଯେ, ମଣ୍ଡୋର ଦୁର୍ଗ ରାଜ୍ୟକୁ ସୁରକ୍ଷା ଦେବା ପାଇଁ ଆଉ ସୁରକ୍ଷିତ ଅବସ୍ଥାରେ ନାହିଁ। ତେଣୁ ସିଏ ଏହି ଦୁର୍ଗଠାରୁ ମାତ୍ର ୧ କି.ମି. ଦୂରରେ ଉଚ୍ଚ ପାହାଡ଼ ଉପରେ ଆଉ ଏକ ନୂଆ ଦୁର୍ଗ ଗଢ଼ିବାକୁ ସ୍ଥିର କଲେ। ସେ ସମୟରେ ଏହି ପାହାଡ଼ଟି ଚିଡିଆଟୁଙ୍କ୍ ନାମରେ ପରିଚିତ ଥିଲା, କାରଣ ସେଠାରେ ବହୁ ପକ୍ଷୀ ବାସ କରୁଥିଲେ। ଶେଷରେ ୧୪୫୯ ଖ୍ରୀଷ୍ଟାବ୍ଦରେ ରାଜା ରାଓ ଯୋଧାଙ୍କ ଦ୍ୱାରା ଏହି ପାହାଡ଼ ଉପରେ ଦୁର୍ଗ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

### ଆଉ କ'ଣ ଦେଖିବେ

ମେହରାନଗଡ଼ ଦୁର୍ଗର ଆକର୍ଷଣୀୟ ବାସ୍ତୁକଳାକୁ ଦେଖିବା ସହ ପର୍ଯ୍ୟଟକ ଏଠାରେ ଆହୁରି ଅନେକ କିଛି ଦେଖିବାର ସୁଯୋଗ ପାଇପାରିବେ ; ଯେମିତିକି:

**ମେହରାନଗଡ଼ ସଂଗ୍ରହାଳୟ:** ଉକ୍ତ ଦୁର୍ଗ ମଧ୍ୟରେ ରାଜାମହାରାଜାଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ପୋଷାକପତ୍ର, ଅଳଙ୍କାର, ଆସବାବପତ୍ର, ଅସ୍ତ୍ରଶସ୍ତ୍ର ଇତ୍ୟାଦିକୁ ସାଇତି ରଖିବା ପାଇଁ ଏକ ସଂଗ୍ରହାଳୟ ମଧ୍ୟ ନିର୍ମାଣ କରାଯାଇଛି। ଏସବୁ ବ୍ୟତୀତ ଉକ୍ତ ସଂଗ୍ରହାଳୟ ମଧ୍ୟରେ ପର୍ଯ୍ୟଟକ ଅନେକ ଲଘୁଚିତ୍ର, ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, ରାଣୀମାନଙ୍କ ଯିବାଆସିବା ପାଇଁ ବ୍ୟବହୃତ ପାଲିଙ୍କି ତଥା ହାତୀଙ୍କ ପିଠି ଉପରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଉଥିବା କାଠର ସିଟ୍ (ଯେଉଁଥିରେ ସୁନା ଓ ରୁପାର କାରୁକାର୍ଯ୍ୟ ବି ହୋଇଥାଏ) ଇତ୍ୟାଦିକୁ ବି ବୁଲି ଦେଖିପାରିବେ।

**ଚାମୁଣ୍ଡା ମାତାଜୀ ମନ୍ଦିର:** ରାଜା ରାଓ ଯୋଧା ଚାମୁଣ୍ଡା ମାତାଙ୍କର ଜଣେ ପରମ ଭକ୍ତ ଥିଲେ। ତେଣୁ ସିଏ ମେହରାନଗଡ଼ ଦୁର୍ଗ ନିକଟରେ ମାତାଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ଏବେ ବି ଏହି ମନ୍ଦିର ଏଠାରେ ରହିଛି। ପର୍ଯ୍ୟଟକ ଚାହିଁଲେ ଏଠାକୁ ବୁଲିଯାଇ ମା'ଙ୍କର ଦର୍ଶନ କରିବା ସହ କୃପା ମଧ୍ୟ ଲଭିପାରିବେ।

**ରାଓ ଯୋଧା ଡେଜର୍ଟ ରକ୍ ପାର୍କ:**ଏହା ମଧ୍ୟ ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ପ୍ରାୟ ୭୨ ହେକ୍ଟର ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ପାର୍କରେ ପର୍ଯ୍ୟଟକ ପଥରର ଅନେକ ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ, ବିରଳ ବୃକ୍ଷଲତା ଇତ୍ୟାଦି ଦେଖିବାକୁ ପାଇପାରିବେ।

### କେବେ ଓ କେମିତି ଯିବେ

ଖରାଦିନକୁ ଛାଡି ବାକି ଅନ୍ୟଦିନେ ମେହରାନଗଡ଼ ଦୁର୍ଗ ବୁଲିଗଲେ ଆନନ୍ଦ ମିଳିଥାଏ। ଖାସ୍‌କରି ଏପ୍ରିଲ୍‌ରୁ ଜୁନ୍ ଏଠାରେ ପ୍ରବଳ ଗରମ ଅନୁଭୂତ ହୋଇଥାଏ। ତେଣୁ ଏହି ତିନିମାସକୁ ଛାଡି ଅନ୍ୟ ଯେ କୌଣସି ମାସରେ ଏଠାକୁ ବୁଲିଯାଇପାରିବେ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ତିନୋଟି ମାଧ୍ୟମ ଯଥା ବସ୍, ଟ୍ରେନ୍ ତଥା ବିମାନର ମଧ୍ୟ ସୁବ୍ୟବସ୍ଥା ରହିଛି।





# ମିଠା ଫୁଲ

ଫୁଲ କାହାକୁ ବା ଭଲ ନ ଲାଗେ ? ଫୁଲକୁ ଦେଖିଲେ ମନ ପ୍ରସନ୍ନ ହୋଇଯାଏ । ଏଠାରେ ଥିବା ସୁନ୍ଦର ଫୁଲଗୁଡ଼ିକୁ ଦେଖି ମଧ୍ୟ ଭାବୁଥିବେ ସତରେ କେତେ ସୁନ୍ଦର ହେଇଛି ପ୍ରକୃତିର ଏହି ସୃଷ୍ଟି ! କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଫୁଲସବୁ ସତସତିକା ନୁହେଁ, ବରଂ ଚିନିରେ ତିଆରି । ମିସେଲ୍ ଗୁୟେନ୍ ନାମ୍ନୀ ଜଣେ କଳାକାର ତିଆରି କରିଛନ୍ତି ଏହି ଫୁଲଗୁଡ଼ିକୁ । ଏସବୁକୁ ସେ ଏତେ ନିଖୁଣଭାବେ ତିଆରି କରିଛନ୍ତି ଯେ, ତାହା ବାସ୍ତବ ନୁହେଁ ବୋଲି କହିବା କଷ୍ଟକର । ମେଲବର୍ନର ମିସେଲ୍ ହେଉଛନ୍ତି ଜଣେ ସୁଗାର ଫ୍ଲାୱାର ଆର୍ଟିଷ୍ଟ । ସେ ତିଆରି କରୁଥିବା ଫୁଲଗୁଡ଼ିକର ଜୀବନ୍ତ ପରି ପାଖୁଡ଼ା, ନିଖୁଣ କାମ ହୋଇଥିବା ପତ୍ର ଓ ଉପଯୁକ୍ତ କଲର୍ ତା’ ମଧ୍ୟରେ ବାସ୍ତବତା ଭରିଥାଏ । ମିସେଲ୍‌ଙ୍କୁ ତାଙ୍କର ଏହି ନିଖୁଣ କାରିଗରି ଲାଗି ଅନେକ ସମ୍ମାନରେ ସମ୍ମାନିତ ବି କରାଯାଇଛି ।



## କାର୍ଟୁନ କର୍ନର









# ଲୋକନୃତ୍ୟ ବଜାସାଲ୍

କାହିଁ କେଉଁ କାଳରୁ ଲୋକନୃତ୍ୟର ସୃଷ୍ଟି। ତେବେ ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଥିବା ପାରମ୍ପରିକ ଲୋକନୃତ୍ୟ ଓ ଲୋକବାଦ୍ୟର ଉତ୍ପତ୍ତି ପଛରେ କିଛି ଲୋକକାହାଣୀ ଯୋଡ଼ିହୋଇ ରହିଛି। କିନ୍ତୁ ସମୟକ୍ରମେ କେତେକ ପାରମ୍ପରିକ ଲୋକନୃତ୍ୟରେ କିଛି ପରିବର୍ତ୍ତନ ଘଟିଥିବା ବେଳେ ପୁଣି କେତେକ ଲୋକକଳା ଏବେ ବିଲୁପ୍ତପ୍ରାୟ। ତେବେ ବିଳମ୍ବ ହେଲେ ବି ବିଭିନ୍ନ ଲୋକକଳାର ପୁନରୁଦ୍ଧାର ପାଇଁ ସରକାରୀସ୍ତରରେ କେତେକ ପଦକ୍ଷେପ ନିଆଯାଇଛି । ଯେମିତି କି ୨୦୨୧ ଗଣତନ୍ତ୍ରଦିବସ ଅବସରରେ ଦିଲ୍ଲୀ ରାଜପଥରେ ମହାମହିମ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ ବଜାସାଲକୁ ପରିବେଷଣ କରାଯାଇଥିଲା, ଯାହାକି ଏହି ଲୋକକଳା ସାରା ଦେଶରେ ନିଆରା ପରିଚୟ ସୃଷ୍ଟି କରିପାରିଛି। ତେବେ ଓଡ଼ିଶାର କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଭବାନୀପାଟଣା ଗାଁରେ ୨୦୦୦ମସିହାରେ ପ୍ରାୟ ୬୦ଜଣ କଳାକାରଙ୍କୁ ନେଇ ଗଢ଼ିଉଠିଥିଲା ପ୍ରତିଭା ନାମକ ଏକ ଅନୁଷ୍ଠାନ। ଏହି ଅନୁଷ୍ଠାନର ସଭାପତି ଧ୍ୟାନନନ୍ଦ ପଣ୍ଡା କୁହନ୍ତି–ବଜାସାଲ ହେଉଛି କଳାହାଣ୍ଡି ଜିଲାର ଏକ ଜନଜାତି ସମୂହଙ୍କ ଭିନ୍ନ ଏକ ପାରମ୍ପରିକ ଲୋକନୃତ୍ୟ। ବିଶେଷକରି ଏହି ଜିଲାରେ ହିଁ ବଜାସାଲ ଲୋକନୃତ୍ୟ ଦେଖିବାକୁ ମିଳେ। ବିଭିନ୍ନ ପର୍ବପର୍ବାଣି ଓ ବିବାହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ବଜାସାଲ ଲୋକନୃତ୍ୟ ପରିବେଷଣ କରାଯାଉଥିବାର ଦେଖିବାକୁ ମିଳେ। ବଜାସାଲ ଲୋକନୃତ୍ୟ ପରିବେଷଣ ବେଳେ କଳାକାରମାନେ ଏକ ନିର୍ଦ୍ଦିଷ୍ଟ ଧରଣର ସ୍ୱଦେଶୀ ହାବସପୁରୀ ଶାଢ଼ିକୁ ପିନ୍ଧି ଥାନ୍ତି। ସେହିପରି କଳାକାରମାନେ ଅଣ୍ଟାରେ ଗୁନ୍‌ଚି, ହାତରେ ପତ୍ରିୟା ବନ୍ଧ୍ରିୟା ଓ ମୁଣ୍ଡରେ ପାନପତ୍ରୀ ପରିଧାନ କରିଥାନ୍ତି। ବଜାସାଲର କଳାକାରମାନେ ଦଳଗତଭାବେ ପାରମ୍ପରିକ ବାଦ୍ୟ ଓ ଲୋକନୃତ୍ୟରେ ଏକ ନିଆରା ପରିବେଶ ସୃଷ୍ଟି କରିଥାନ୍ତି, ଯାହାକୁ କି କଳାହାଣ୍ଡି ଜିଲାର ଏକ ଆଞ୍ଚଳିକ ପାରମ୍ପରିକ ଲୋକନୃତ୍ୟ ବୋଲି କୁହାଯାଏ। ଏଥିରେ ବ୍ୟବହୃତ ବାଦ୍ୟଯନ୍ତ୍ର ମଧ୍ୟରେ ଢୋଲ, ନିଶାନ, ତାସା, ଝାଞ୍ଜ ଓ ମହୁରି ଆଦି ବାଦ୍ୟକୁ ବ୍ୟବହାର କରାଯାଇଥାଏ। ଦିନ ହେଉ କି ରାତି ସବୁ ସମୟରେ ଏହି ଲୋକନୃତ୍ୟକୁ ଏହି




ଦଳର କଳାକାରମାନେ ପରିବେଷଣ କରିଥାନ୍ତି। କିନ୍ତୁ ଏହି ଲୋକନୃତ୍ୟ ପରିବେଷଣ ବେଳେ ଏଥିରେ ସାମିଲଥିବା କଳାକାରମାନେ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେତାଳେ– ନିଆଲି ମଲ୍ଲୀର କାଏଁ ଚଲନ, ନିତି ଦେଖା ଦରପନ ଆଦି ଗୀତ ଗାଇ ଗାଇ ଝୁମିଥାନ୍ତି। ଘୁମୁରା ଗ୍ରୁପର ଗୁରୁ ରାମପ୍ରସାଦ ନାୟକ କୁହନ୍ତି, ଆମ ଘର ପ୍ରାଙ୍ଗଣରେ ପ୍ରଥମେ ପ୍ରତିଭା ଅନୁଷ୍ଠାନର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କେତେଜଣ ଯୁବତୀଯୁବକଙ୍କୁ ନେଇ ବଜାସାଲ ଲୋକନୃତ୍ୟ ଅଭ୍ୟାସ କରାଯାଇଥିଲା। ଗୋଟିଏ ଦଳରେ ପ୍ରାୟ ୧୬ଜଣ ଲେଖାଏଁ କଳାକାର ରହିଥାନ୍ତି। ଏମାନେ ପ୍ରାୟ ଘଣ୍ଟାଘଣ୍ଟା ଧରି ବାଦ୍ୟର ତାଳେତାଳେ ନୃତ୍ୟ ପରିବେଷଣ କରିଥାନ୍ତି। ବିଶେଷକରି ବିଭିନ୍ନ ମାଙ୍ଗଳିକ, ଆଧାତ୍ମିକ, ସାଂସ୍କୃତିକ ଏବଂ ବିବାହ ଆଦିକାଯ୍ୟରେ ଏହି ଲୋକନୃତ୍ୟକୁ ପରିବେଷଣ କରାଯାଇଥାଏ। କିନ୍ତୁ ସମୟକ୍ରମେ ଏହି ବଜାସାଲର କଳାକାରମାନେ ଭୁବନେଶ୍ୱର, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, କେନ୍ଦୁଝର, ବାରିପଦା, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ସୁନ୍ଦରଗଡ଼, କୋରାପୁଟ ଆଦି ଜିଲା ଓ ସହରର ବିଭିନ୍ନ ସ୍ଥାନରେ ଆୟୋଜିତ ଉତ୍ସବ, ମହୋତ୍ସବରେ ଏହି ବଜାସାଲ ଲୋକନୃତ୍ୟକୁ ପରିବେଷଣ କରିଛନ୍ତି। ଜାତୀୟସ୍ତରରେ ଦିଲ୍ଲୀ, ବମ୍ବେ, କଲିକତା, ନାସିକ, ସୁରଟ, କାନପୁର, ଲୁଧିଆନା, ବାଙ୍ଗାଲୋର, ଗୋଆ, ହାଇଦ୍ରାବାଦ, ରାଇପୁର, ଗୁଆହାଟୀ, ସିଲଂ, ଇମ୍ଫାଲ, ଗ୍ୟାଙ୍ଗଟକ ଆଦି ରାଜ୍ୟ ବାହାରର ବିଭିନ୍ନ ସହରରେ ଓଡ଼ିଶାର ଏହି ପାରମ୍ପରିକ ଲୋକନୃତ୍ୟକୁ ପରିବେଷଣ କରିସାରିଲେଣି। ସେହିପରି ଅନ୍ତର୍ଜାତୀୟସ୍ତରରେ ଲଣ୍ଡନ ଓ ଇଣ୍ଡୋନେସିଆରେ ଏହି ଲୋକନୃତ୍ୟକୁ ପରିବେଷଣ କରିଛନ୍ତି। ୨୦୧୨ମସିହାରେ ବାଙ୍ଗାଲୋରଠାରେ ଆୟୋଜିତ ଜାତୀୟ ଯୁବ ଉତ୍ସବ ଲୋକନୃତ୍ୟ ପ୍ରତିଯୋଗିତାରେ ବଜାସାଲ ତୃତୀୟସ୍ଥାନ ପାଇଥିଲା। ୨୦୧୪ରେ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ଯୁବ ଉତ୍ସବରେ ପୁଣିଥରେ ପୁରସ୍କୃତ ହୋଇପାରିଛି। ୨୦୧୯ମସିହାରେ ଅନ୍ତର୍ଜାତୀୟ ଆଦିବାସୀ ଲୋକନୃତ୍ୟ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛି। ଏଥିଯୋଗୁ ପ୍ରାୟ ୫ଲକ୍ଷର ପ୍ରୋତ୍ସାହନ ରାଶି ପାଇବା ସହ ଦେଶରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। କଳାହାଣ୍ଡି ଜିଲାରେ ଯୁବପିଢ଼ିଙ୍କ ପାଇଁ ବଜାସାଲ ଲୋକନୃତ୍ୟ ଏକ ପ୍ରେରଣା। ଏହି ଲୋକନୃତ୍ୟ ସମ୍ପର୍କରେ ରାଜ୍ୟ ସରକାରଙ୍କ ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ କୁହନ୍ତି, ବଜାସାଲ ହେଉଛି କଳାହାଣ୍ଡି ଜିଲାର ଏକ ପ୍ରାଚୀନ ଲୋକନୃତ୍ୟ । ରାଜାରାଜୁଡ଼ା ସମୟରେ ବିଭିନ୍ନ ସାଂସ୍କୃତିକ ଓ ବିଜୟ ଯାତ୍ରା ବେଳେ ଏହାକୁ ପରିବେଷଣ କରାଯାଉଥିଲା। ଓଡ଼ିଶା ସରକାରଙ୍କ ତରଫରୁ ଏହାକୁ ଚୟନ କରାଯାଇ ଦିଲ୍ଲୀ ପଠାଯାଇଥିଲା। ପରେ ଆମ ଲୋକକଳା ଆମସଂସ୍କୃତି କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱର ଠାରେ ବଜାସାଲ କଳାକାର ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ଓଡ଼ିଶାରେ ଥିବା ଏପରି ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଲୋକନୃତ୍ୟକୁ ପୁରପଲ୍ଲୀର କଳାକାରଙ୍କଠାରୁ ଦେଖିବାକୁ ମିଳୁଥିବା ବେଳେ ସମୟକ୍ରମେ କେତେକ ଲୋପପାଇ ଯାଇଛି। ଆଉ କେତେକ ନୂଆରୂପରେ ଭିନ୍ନ ପରିଚୟ ସୃଷ୍ଟି କରିଛି।

**–ବନବିହାରୀ ବେହେରା**







# ସାଇକେଲ ଉପରେ ଯୋଗ

**ଶ**ରୀର ପାଇଁ ଯୋଗ କେତେ ଯେ ଉପକାରୀ ତାହା ସମସ୍ତେ ଜାଣନ୍ତି। ସେଥିପାଇଁ ତ ଆଜିକାଲି ପ୍ରାୟ ସମସ୍ତେ ଯୋଗକୁ ନିଜ ଜୀବନର ଏକ ଅଙ୍ଗ କରିସାରିଲେଣି। ଏମିତି କି ବିଭିନ୍ନ ପ୍ରକାରର ଅଜବ ଯୋଗ ବି ହେଉଛି। ନିକଟରେ ଜଣେ ଯୁବତୀ ସାଇକେଲ ଉପରେ ଯୋଗକରି ବେଶ୍ ଚର୍ଚ୍ଚା ସାଉଁଟିଛନ୍ତି। ସେ ହେଉଛନ୍ତି ୨୬ ବର୍ଷୀୟା ବିୟୋଲା ବ୍ରାଣ୍ଡ। ଜର୍ମାନୀର ବିୟୋଲାଙ୍କୁ ସାଇକେଲ ବହୁତ ଭଲ ଲାଗେ। ସାଇକେଲ ଉପରେ ସେ ବିଭିନ୍ନ ପ୍ରକାରର ଷ୍ଟଣ୍ଟ ଓ ଯୋଗ ବେଶ୍ ଚମତ୍କାରଭାବେ କରିପାରନ୍ତି, ଯାହା ସମସ୍ତଙ୍କୁ ଚକିତ କରୁଛି। ସାଇକେଲ ଉପରେ ବିୟୋଲା ଯୋଗ କରୁଥିବା ଫଟୋ ଓ ଭିଡିଓ ତ ଏବେ ଭାଇରାଲ୍ ହେବାରେ ଲାଗିଛି। ବିୟୋଲା ସାଇକେଲ ଚଲାଇ ଚଲାଇ ଅଣ୍ଟାରେ ହୁଲା ହୁପ୍(ବଡ଼ ଆକାରର ରିଙ୍ଗ) ବି ବୁଲାଇ ପାରନ୍ତି।







# ଲଭ୍ ଲେକ୍

**ମ**ରୁଭୂମି ମଝିରେ ହ୍ରଦ। ସେ ପୁଣି ହାର୍ଟ ବା ହୃଦୟ ଆକାରର। ତେଣୁ କିଛି ରୋମାଣ୍ଟିକ୍ ମୁହୂର୍ତ୍ତ ବିତାଇବାକୁ ଦମ୍ପତିମାନେ ଆକୃଷ୍ଟ ହୋଇ ଚାଲି ଆସନ୍ତି ଏହି ହ୍ରଦକୁ। ସମ୍ପୂର୍ଣ୍ଣଭାବେ ମନୁଷ୍ୟକୃତ ଅଟେ ଉକ୍ତ ହ୍ରଦ। ଦୁଇଟି ହାର୍ଟ ଶେପ୍‌ର ହ୍ରଦ ପରସ୍ପର ସହ ଛନ୍ଦି ହୋଇ ରହିଥିବା ଭଳି ଏହାକୁ ତିଆରି କରାଯାଇଛି। ତେଣୁ ଉକ୍ତ ହ୍ରଦ ବେଶ୍ ପରିଚିତ 'ଲଭ୍ ଲେକ୍' ନାମରେ। ଏହି ହ୍ରଦ ସେହି



ସ୍ଥାନରେ ଅଛି, ଯେଉଁଠି ରହିଛି ବିସ୍ମୟକର ପାମ୍ ଶେପ୍‌ର ଆଇଲାଣ୍ଡ ଓ ପୃଥିବୀର ସର୍ବୋଚ୍ଚତମ ଅଟ୍ଟାଳିକା ବୁର୍ଜ ଖଲିଫା। ଅର୍ଥାତ୍ ଏହା ଅଛି ଦୁବାଇରେ। ଏଠାକାର ଅଲ୍ କୁଦ୍ରା ମରୁଦ୍ୟାନରେ ଥିବା ଏହି ହ୍ରଦକୁ ତିଆରି କରିବା ପାଇଁ ହୋଇଛି ଅନେକ ଖର୍ଚ୍ଚ। ଏହାବାଦ୍ ଏଠାରେ ୧୬୦୦୦ ଗଛ, ହଜାର ହଜାର ରଙ୍ଗିନ ଫୁଲ ଗଛ, ଗୁଳ୍ମ ପ୍ରଜାତିର ଅନେକ ଗଛ ବି ଲଗାଯାଇଛି। ଠାଏ ଠାଏ ଫୁଲ ଗଛଗୁଡ଼ିକୁ ବି ହାର୍ଟ ଶେପ୍‌ରେ ସଜାଇ ଲଗାଯାଇଛି। ଫଳରେ ମରୁଭୂମି ମଝିରେ ଥିବା ଏହି ସ୍ଥାନଟି ଲାଗେ ପ୍ରେମମୟ ଓ ସ୍ୱର୍ଗ ପରି। ଭୂମିଠାରୁ ୫୦ ମିଟର ଉଚ୍ଚତାରେ ହ୍ରଦଟିର ଫୁଲ୍ ଭ୍ୟୁ ମିଳିଥାଏ।



# ଯେଉଁଠି ଘରେ ଘରେ ପ୍ଲେନ୍

**ସେ** ଗାଁ ହେଉ କି ସହର ଆଜିକାଲି ଘରେ ଘରେ ବାଇକ୍, ସ୍କୁଟର୍, କାର୍ ଦେଖିବାକୁ ମିଳେ। ହେଲେ ଆମେ ଏମିତି ଏକ ସ୍ଥାନ ସମ୍ପର୍କରେ କହୁଛୁ, ଯେଉଁଠି ପ୍ରାୟ ସବୁ ଘର ବାହାରେ କାର୍ କି ବାଇକ୍ ନୁହେଁ ବରଂ ଦେଖିବାକୁ ମିଳେ ଏରୋପ୍ଲେନ୍। ଆମେରିକାରେ ଅଛି ଏହି ସ୍ଥାନ। ଏହା 'ଏୟାରପାର୍କ' ବା 'ଫ୍ଲାଏ ଇନ୍ କମ୍ୟୁନିଟି' ନାମରେ ପରିଚିତ। ଏହା ଏମିତି ଏକ କଲୋନି, ଯାହାକୁ ବ୍ୟକ୍ତିଗତ ଏରୋପ୍ଲେନ୍ ରଖିଥିବା ଲୋକଙ୍କ ପାଇଁ ଡିଜାଇନ୍ କରାଯାଇଛି। ତେବେ କେବଳ ଆମେରିକା ନୁହେଁ, ପୃଥିବୀର ବିଭିନ୍ନ ସ୍ଥାନରେ ପ୍ରାୟ ୬୫୦ଟି ଏୟାର ପାର୍କ ରହିଛି। ଯେହେତୁ ଏଠାରେ ରହୁଥିବା ସବୁ ଲୋକଙ୍କ ପାଖରେ ଏରୋପ୍ଲେନ୍ ତଥା ଲାଇଟ୍ ଏରୋପ୍ଲେନ୍ ଅଛି, ତେଣୁ ଏଠି ରହିବା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ଏଠି ଘରର ମୂଲ୍ୟ ୧.୫ ମିଲିୟନ ଡଲାର। ଏଠାକାର ଗଳି ବହୁତ ଓସାର ବିଶିଷ୍ଟ, ପ୍ରାୟ ୧୦୦ ଫୁଟ୍ । ଯେମିତି କି ଏରୋପ୍ଲେନ୍‌ର ଲମ୍ବା ଡେଣା ଆରାମରେ ଏହି ରାସ୍ତା ଦେଇ ଯାଇପାରିବ। ରୋଡ୍ ସାଇନ୍ ଓ ମେଲ୍ ବକ୍ସଗୁଡ଼ିକ ବି ଏଠାରେ ବହୁତ ତଳୁଆ କରାଯାଇଥାଏ। ଯେମିତି କି ଏରୋପ୍ଲେନର ଡେଣା ସେଥିରେ ବାଜିବନି।

